ସାପ୍ତାହିକ
Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94

Vol.28 | Issue - 40 | 6 - 12 October 2024 | Sambalpur | Pages- 8 | Invitation Price Rs.10



सत्यमेव जयते

## ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ରଘୁବର ଦାସ)



ଓଡ଼ିଶା ସରକାର



## ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଶୁଭେଚ୍ଛା



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ ଓ ଅହିଂସାର ପ୍ରତୀକ । ତାଙ୍କର ଆଦର୍ଶ ଓ ବିଚାରଧାରାର ସର୍ବକାଳୀନ ପ୍ରାସଙ୍ଗିକତା ରହିଛି । ଆସନ୍ତୁ, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ତଥା ଦେଶର କଲ୍ୟାଣ ପାଇଁ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨ ପୃଷ୍ଠାରେ...



ଅନେକ ରୋଗର ମହୌଷଧୀ ତେନ୍ତୁଳି ପତ୍ର



ଡିପ୍ରେସନ୍ ଦୂର କରେ ସନ୍ତୁଳିତ ଖାଦ୍ୟ



ଇମ୍ୟୁନିଟି ବୃଷ୍ଟ କରେ କମଳା




ଭିଟାମିନ୍- ଡି'ର ଅଭାବ ହେଲେ



ସ୍ମରଣ ଶକ୍ତି ବୃଦ୍ଧି କରେ ମହୁ



ସେଓର ଉପକାରିତା

# ଲଖନପୁର ବ୍ଲକ ନାଗରିକ ପରିଷଦ କୋର କମିଟି ବୈଠକ

ଝାରସୁଗୁଡ଼ା : ଲଖନପୁର ବ୍ଲକ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବ୍ଲକ ନାଗରିକ ପରିଷଦର କୋର କମିଟିର ଏକ ଜରୁରୀ କାଳୀନ ବୈଠକ ପିତାମ୍ବର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ବ୍ଲକ ବିଭାଜନ ଓ ସବଡିଭିଜନ ମାନ୍ୟତା ପ୍ରସଙ୍ଗଂକୁ ନେଇ ବିଗତ ଦିନରେ ହୋଇଥିବା ଆନ୍ଦୋଳନର ସମୀକ୍ଷା ହେବା ସହ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ହୋଇଥିଲା । ବୃହତ ଲଖନପୁର ବ୍ଲକକୁ ତିନୋଟି ବ୍ଲକରେ ବିଭାଜନ କରିବା ସହ ତହସିଲକୁ ଏକ ସବଡିଭିଜନ ମାନ୍ୟତା ପ୍ରଦାନ ନିମନ୍ତେ ନୂତନ ସରକାରଙ୍କ ନିକଟରେ ପୁନର୍ବାର ଦାବି ଉପସ୍ଥାପନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଝାରସୁଗୁଡା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ନିର୍ଗତ ପାଉଁଶ ବର୍ତ୍ତମାନ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ମାଫିଆମାନେ ପକାଇ ପାରୁନାହାନ୍ତି । ଫଳରେ ସେମାନେ ବର୍ତ୍ତମାନ ଲଖନପୁର ବ୍ଲକର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ୍ କରିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ବିଗତ ଦିନରେ ଉଣେଇଶ ଖଣ୍ଡ ମୌଜାର ପିଥିଣ୍ଡା ପଞ୍ଚାୟତର ଏକ ଖୋଲା ପଥର କ୍ୱାରୀରେ ହଜାର ହଜାର ଟ୍ରିପ୍ ପାଉଁଶ ଗଦା ହେବା ଘଟଣାକୁ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ନାଏକ ଉଠାଇଥିଲେ । ଶ୍ରୀ ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ଏହି ପ୍ରକ୍ରିୟା କିଛିଦିନ ପାଇଁ ସ୍ଥଗିତ ରହିଥିଲା । କିନ୍ତୁ କିଛିଦିନ ହେବ ପୁନର୍ବାର ସେହି ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ହୀରାକୁଦ ଜଳଭଣ୍ଡାର ନିକଟରେ କିଛି ଦିନ ହେଲା ଶହ ଶହ ସଂଖ୍ୟାରେ ଭାରୀଯାନରେ ଆସ୍ ଆଣି ଡମ୍ପ ଚାଲିଛି । ପୁଣି ଏହି ସ୍ଥାନରୁ ମାତ୍ର ୫ ଶହ ମିଟର ଦୂରରେ ବାଦିମାଲ ପଞ୍ଚାୟତର କୁସୁମେଲ ଗାଁ ନିକଟସ୍ଥ ମହାନଦୀ କୂଳରେ ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ରହିଛି । ଫଳରେ ହଜାର ହଜାର ପରିବାରକୁ ଯୋଗାଣ ହେଉଥିବା ଏହି ପାଣି ବି ବିଷ ପାଣିରେ ପରିଣତ ହେବାର ଆଶଙ୍କା ରହିଛି । ଖାଲି ସେତିକି ନୁହେଁ, ଏହା ସିଧାସଳଖ ହୀରାକୁଦ ଜଳଭଣ୍ଡାରକୁ ବି ବିଷମୟ କରିବାର ଆଶଙ୍କା ଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଏହାଦ୍ୱାରା ହଜାର ହଜାର ଲୋକଙ୍କ ଜୀବନ ବିପନ୍ନ ହେବାର ଆଶଙ୍କା ସୃଷ୍ଟି ହେଲାଣି । ତେଣୁ, ଏହାର ସ୍ଥାୟୀ ପ୍ରତିକାର ପାଇଁ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଆଉ ଥରେ ଦାବି ଉପସ୍ଥାପନ କରି ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଯଦି ପ୍ରଶାସନିକ ସ୍ତରରେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାନଯାଏ, ତାହେଲେ ସମଗ୍ର ଅଞ୍ଚଳବାସୀଙ୍କୁ ନେଇ ଏକ ବିରାଟ ଜନ ଆନ୍ଦୋଳନ ପାଇଁ ନାଗରିକ ପରିଷଦ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସଭାପତି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

ବୈଠକରେ ସଭାପତି ଶ୍ରୀ ମିଶ୍ରଙ୍କ ସହ ଉପଦେଷ୍ଟା ବିରଞ୍ଚି ସାହୁ, ପିଥିଣ୍ଡା ସରପଞ୍ଚ ମହେନ୍ଦ୍ର ନାଏକ, ସାମାଜିକ କର୍ମୀ ପରିତୋଷ ମିଶ୍ର, ବରିଷ୍ଠ ସଦସ୍ୟ ଝୁମେର ଲାଲ ହାତୀ, ମହେନ୍ଦ୍ର ପ୍ରଧାନ, ଭକ୍ତରାମ ଧୁରୁଆ, ରାଜକୁମାର ସାହୁ, ଈଶ୍ୱର ବିଶ୍ୱାଳ, ଶ୍ରୀକାନ୍ତ ଭୋଇ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ନିଜ ନିଜ ସୁଚିନ୍ତିତ ମତାମତ ଦେଇଥିଲେ । ପରବର୍ତ୍ତୀ ବୈଠକ ଭିକମପାଲି ମାଁ ଘଣ୍ଟେଶ୍ୱରୀ ମନ୍ଦିର ପରିସରରେ କରିବା ପାଇଁ ଧାର୍ଯ୍ୟ କରାଯାଇଛି ।

## ନିଷ୍କଳଙ୍କ ଶରଦିନ୍ଦୁ !

### ଡକ୍ଟର ନାମଯଜ୍ଞ ମିଶ୍ର

ତୁମରି 'ସତ୍ୟ' ଓ 'ଶାନ୍ତି'
ଶୁଭ୍ରକୋମଳ ବରଫ ପରି
ମିଳେଇ ଯାଉଛି ଭୂଇଁରେ ପାଣିହୋଇ ।
ଆଉ ଅହିଂସା
ରହିଛି କଂସେଇର ଛେଳି ପ୍ରେମପରି
ମହାକାଳ ଫଳ ସଦୃଶ
ରଂଗୀନ କପଟ ଆବରଣରେ
ସ୍ୱାର୍ଥର ଅଙ୍ଗାରକୁ କୃଷ୍ଣାୟିତକରି ।
ତୁମରି ଅପରିଗ୍ରହ ।
ଅଜଗରୀ ମୁଖ ମେଳାଇ
ସବୁକିଛି ଗ୍ରହଣ କରି ନେଉଛି
କଳେ ବଳେ, ମନ୍ଦହାସ୍ୟେ ଅବିରଳେ
ତମଛବି ଥିବା ମୁଦ୍ରାରେ
ନୋଟ ହେଉ ଅବା କଏନ୍‌ରେ ।
ସ୍ୱଦେଶୀ ଭାବନା ଚାଦରରେ
ବେହରଣ କରି ଚାଲିଛି
'ବସୁଧୈବ କୁଟୁମ୍ବକମ୍ ।
ଗରମ ହାୱାରେ..
ସବୁ ବିଦେଶୀ ଜିନିଷ ଘରେ ଠୁଳ କରି
ଭାଷା, ଜାତି, ଧର୍ମ ବିଭେଦର
ସୁଉଚ୍ଚ ପ୍ରାଚୀର ବନ୍ଧନୀରେ ।
ଶରୀର ଶ୍ରମ ଆସ୍ୱାଦ ।
ପର୍ଯ୍ୟବସିତ ହୋଇଛି
ମାଗଣା ଭୋଗ ଆସ୍ୱାଦରେ ।
ଏଟମବମ୍ ହୋଇ ଫୁଟିଗଲା
ବିଶ୍ୱକୁ ଚକିତ କରି,
ଧ୍ୱଂସ ପାଇଁ ନୁହେଁ, ଶାନ୍ତ ପାଇଁ
ବିସ୍ଫୋରଣ ଧ୍ୱଂସ ପାଇଁ ନୁହେଁ ଶାନ୍ତି ପାଇଁ
ତେଣୁତ ସମସ୍ତେ ଆଜି
ବିଶ୍ୱ କୋଣେ କୋଣେ
ମଥାନତ କରି ଡାକୁଛନ୍ତି
ଅବତରି ଆସ 'ବାପୁ ! ବୋଲି
କିନ୍ତୁ ସାବଧାନ ବାପୁ ।
ଆସ ନାହିଁ ଆଜି ।
ଫରାସୀ ମୁକ୍ତି ଦାୟିନୀ
ଜୋ ଆନ୍ ଆର୍କ କୁ ଡାକିବା ଭଳି
ଏମାନେ ଡାକୁଛନ୍ତି
ଧରି ନାନା ଅଭିଯୋଗ, ଫାଶୀଖୁଣ୍ଟ ତ୍ରିଶିଖ
ମେଳାଇ
ତେଣୁ ହେ ! ନିଷ୍କଳଙ୍କ ଶରଦିନ୍ଦୁ !
ତୁମେ ଯେଉଁଠି ଅଛ, ସେଇଠି ଥାଅ
ସଦାସଦା ତୁମ ଶୁଭ୍ର ଜ୍ୟୋତିଷ ବିକୀରଣ
ସତ୍ୟ, ଶାନ୍ତି, ଅହିଂସାର ଆଶ୍ୱାସ ପରଷି
ଏ ଭାରତ ନଭୋ ମଣ୍ଡଳରେ ।

**ବରପାଲିପଡ଼ା, ବଲାଙ୍ଗୀର**

# ଦୈନିକ ଜୀବନରେ ଅଧ୍ୟାତ୍ମ

**ଅ**ଧ୍ୟାତ୍ମର ଉପଯୋଗିତା ଏବଂ ଶ୍ରେଷ୍ଠତା ସର୍ବବିଦିତ, କିନ୍ତୁ ସାଧାରଣତଃ ଏହାକୁ ଆରାମର ଅଥବା ବାର୍ଦ୍ଧକ୍ୟର ବିଷୟବସ୍ତୁ ବୋଲି ସ୍ୱୀକାର କରାଯାଏ ତଥା ଦୈନିକ ଜୀବନରେ ଏହାର ସିଧା ସମ୍ବନ୍ଧ ନ ଥିବା କଥା କୁହାଯାଏ । ଏହି କାରଣରୁ ଧର୍ମ-ଅଧ୍ୟାତ୍ମ ନାମରେ ନିତ୍ୟ ଚିହ୍ନପୂଜାର କୌଣସି ଅଭାବ ନାହିଁ । କିନ୍ତୁ ଅଧିକାଂଶ ଲୋକଙ୍କର ଚିନ୍ତନ-ଚେତନା ତଥା ଜୀବନ ଅଧ୍ୟାତ୍ମ ତତ୍ତ୍ୱରେ ଶୂନ୍ୟ ରହିଥାଏ । କାରଣ ଏହା ସହିତ ଯେଉଁ ଫଳଶ୍ରୁତି ଗୁଡ଼ିକର ଚର୍ଚ୍ଚା କରାଯାଇଛି, ଏଥିରୁ ଜୀବନ ବଞ୍ଚିତ ରହିଥାଏ ।

ଏପରି ସ୍ଥିତିରେ ଅଧ୍ୟାତ୍ମ ତତ୍ତ୍ୱ କ'ଣ, ଦୈନିକ ଜୀବନରେ ସହଜ ରୂପେ ଏହାର କିପରି ସମାବେଶ ହୋଇ ପାରିବ । ଏହାର ବୋଧ ଆବଶ୍ୟକ ହୋଇଯାଏ । ଅଧ୍ୟାତ୍ମ ହେଉଛି ସମଗ୍ର ରୂପେ ଜୀବନର ଅଧ୍ୟୟନ, ଏହାର ଗହନତମ ତଳ ପର୍ଯ୍ୟନ୍ତ ପହଞ୍ଚିବାର ବିଧାନ୍ ଏହା ସହିତ କ୍ରମିକ ରୂପେ ବ୍ୟକ୍ତିତ୍ୱର ରୂପାନ୍ତରଣ ହୋଇଥାଏ ଏବଂ ଜୀବନର ଯକ୍ଷପ୍ରଶ୍ନ ଗୁଡ଼ିକର ସମାଧାନ ମିଳି ପାରିଥାଏ ।

ନିଃସନ୍ଦେହ ରୂପେ ଅଧ୍ୟାତ୍ମ ସଂସାର-ସମାଜ ପରିବାରରେ ରହି ଅନ୍ତର୍ମୁଖୀ ଜୀବନର ଅଭ୍ୟାସ ଅଟେ । ଯେଉଁଠିରେ ପରମାତ୍ମତତ୍ତ୍ୱ ସହିତ ଯୋଡ଼ିହୋଇ, ଭିତରର ଆତ୍ମତତ୍ତ୍ୱରେ ସ୍ଥିର ହୋଇ ଜୀବନଯାପନ କରାଯାଇଥାଏ । ସଂକ୍ଷେପରେ କହିବାକୁ ଗଲେ ଜୀବନର କେନ୍ଦ୍ରରେ ସ୍ଥିର ହୋଇ ପରମ ସତ୍ୟ ଦିଗରେ ଉନ୍ମୁଖ ଜୀବନ ହେଉଛି ଅଧ୍ୟାତ୍ମ, ଯେଉଁଠିରେ ନିଜର ମୁକ୍ତି ତଥା ଜଗତ୍ରର କଲ୍ୟାଣର ଭାବ ନିହିତ ଥାଏ ।

ଦୈନିକ ଜୀବନର ପ୍ରତ୍ୟେକ ପକ୍ଷକୁ ନିୟମ, ସଂଯମ ଓ ଅନୁଶାସନରେ ଆବଦ୍ଧ କରି ଏହାକୁ ଏକ ସୁବ୍ୟବସ୍ଥିତ ଏବଂ ସୁନିୟୋଜିତ ଢଙ୍ଗରେ ଯାପନ କରାଯାଏ ।

ଦିନର ଆରମ୍ଭ ନିଃସନ୍ଦେହ ରୂପେ ଈଶ୍ୱରଙ୍କ ପ୍ରତି ଯେଉଁ କୃତଜ୍ଞତା ଭାବରୁ ହୋଇଥାଏ, ତାହା ହେଲା- ଆଜି ଏକ ନୂତନ ଜୀବନର ଶୁଭାରମ୍ଭ ହେଉଛି । ମୁଁ ଏକ ସ୍ୱସ୍ଥ-ସୁଖୀ ଜୀବନ ସହିତ ଗୋଟିଏ ନୂତନ ଦିନ ପାଇଁ ପ୍ରସ୍ତୁତ ହେଉଛି ।

ଏହି ପ୍ରକାର ରାତ୍ରିର ସମାପନ ଦିନ ଯାକର ସଂଘର୍ଷ, ପୁରୁଷାର୍ଥ, ଉ ାନ-ପତନ ଏବଂ ଭଲ-ମନ୍ଦ ମଧ୍ୟରେ ଏକ ସାର୍ଥକ ଜୀବନଯାପନ ସହିତ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ଏବଂ ସମର୍ପଣ ଭାବ ପୂର୍ବକ ହୋଇଥାଏ । ଯେଉଁଠିରେ ପରମାତ୍ମାଙ୍କ ସଂରକ୍ଷଣ, ସାହାଯ୍ୟ ପ୍ରତି ପଦେ ପଦେ ମିଳିଥାଏ ।

ଦିନ ତମାମ ଏହି ଭାବକୁ କାଏମ ରଖିବା ଉଚିତ, ଯଦ୍ଦ୍ୱାରା ସ୍ୱାଭାବିକ ରୂପେ ଶୋଇବା ସମୟରେ ଈଶ୍ୱରଙ୍କ ସ୍ମରଣ କରି ଦୈନିକ ଜୀବନର ସମାପନ ହୋଇଥାଏ ସାଧନା ବଢ଼ିବା ସଙ୍ଗେ ସଙ୍ଗେ ଜୀବନର ପ୍ରତ୍ୟେକ କ୍ଷଣ, ପ୍ରତ୍ୟେକ ଭାବରେ ନିଜର ଇଷ୍ଟ-ଆରାଧଙ୍କ ଉପାସନା ଓ ଆରାଧନାର ସମାବେଶ କରିବା ପାଇଁ ପ୍ରୟାସ ଚାଲିଥାଏ ।

ସ୍ୱାଧ୍ୟାୟ-ସତ୍‌ସଙ୍ଗର କ୍ରମ ଏହି ପ୍ରକ୍ରିୟାକୁ ସରଳ ରି ଥାଏ୍ ଦିନଚର୍ଯ୍ୟାରେ ଯଥାସମ୍ଭବ ଏହାର ଅଧ୍ୟାତ୍ମିକ ସମାବେଶ କରାଯାଇଥାଏ । ଆରମ୍ଭ ସ୍ନାନ – ଧ୍ୟାନ ସହିତ ଅଥବା ପରେ ଆଧ୍ୟାତ୍ମିକ ପୁସ୍ତକ ଗୁଡ଼ିକର ଅଧ୍ୟୟନ ଓ ପାରାୟଣ ସହିତ ହୋଇଥାଏ, ଯେଉଁଥିରେ ଶାସ୍ତ୍ର ଗୁଡ଼ିକରୁ ନେଇ ଯୁଗସାହିତ୍ୟକୁ ମାଧ୍ୟମ କରାଯାଇ ପାରେ ।

ଏହାର ପ୍ରକାଶରେ ଜୀବନର ଅବଲୋକନ କରାଯାଇଥାଏ । ନିଜର ଦୋଷ-ଦୁର୍ଗୁଣ ଗୁଡ଼ିକର ପରିମାର୍ଜନ ଓ ଶ୍ରେଷ୍ଠ ଗୁଣଗୁଡ଼ିକୁ ଧାରଣ କରିବାର ଭାବସଂକଳ୍ପ ଜାଗ୍ରତ ରହିଥାଏ । ଗୁରୁ ପ୍ରଦତ୍ତ ମନ୍ତ୍ର ସହିତ ଜପ–ଧ୍ୟାନ କରି ଉପାସନାର ମୁହୂର୍ତ୍ତ ନିଃସନ୍ଦେହ ରୂପେ ଏହାର କେନ୍ଦ୍ରରେ ରହିଥାଏ । ଉପାସନା ସାଙ୍ଗକୁ ଦିନ ତମାମର ବ୍ୟସ୍ତତମ ଦିନଚର୍ଯ୍ୟା ସହିତ ନିଜ କର୍ତ୍ତବ୍ୟର ପାଳନ ହେଉଛି ବ୍ୟାବହାରିକ ଅଧ୍ୟାତ୍ମର ଅନିବାର୍ଯ୍ୟ ପକ୍ଷ୍ । ଯାହା ଫଳରେ ଜୀବନରେ, ମନର କୌଣସି କୋଣରେ ଅକର୍ମଣ୍ୟତା, ଶରୀରର ଆଳସ୍ୟ ଓ ଚିତ୍ତର ଚଞ୍ଚଳତାର କୌଣସି ସମ୍ଭାବନା ନ ଥାଏ ।

ଦିନ ତମାମ ଇନ୍ଦ୍ରିୟ ସଂଯମ, ସମୟ ସଂଯମ, ବିଚାର ସଂଯମ ଓ ଅର୍ଥ ସଂଯମର ଅଭ୍ୟାସ ଦ୍ୱାରା ଏକ ନୈଷ୍ଠିକ ସାଧକ ହୋଇ ଏହାକୁ ସଂପନ୍ନ କରାଯାଇ ପାରେ ।

ଇନ୍ଦ୍ରିୟ ସଂଯମ ଅନ୍ତର୍ଗତ ସ୍ୱାଦ, ବାଣୀ, ଦୃଷ୍ଟି ଓ ସ୍ପର୍ଶ ପ୍ରଧାନ ହୋଇଥାଏ । ଏଗୁଡ଼ିକର ନିଗ୍ରହ ଓ ସାଧନା ସହିତ ଜୀବନ ସାଧନାରେ ପ୍ରଖରତା ଆସିଥାଏ । ସମୟ ସଂଯମ ମାଧ୍ୟମରେ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତାର ଆଧାରରେ ଶେଷକରି ଏକ ସନ୍ତୁଳିତ ଓ ସଫଳ ଜୀବନ ଜିଇବା ସମ୍ଭବ ହୋଇଥାଏ ।

ବିଚାର ସଂଯମ ଅନ୍ତର୍ଗତ ଶ୍ରେଷ୍ଠ ବିଚାର ଗୁଡ଼ିକରେ ରମଣ, ନିଜ କାର୍ଯ୍ୟରେ ବ୍ୟସ୍ତତା, ସତତ ଆତ୍ମଚିନ୍ତନ, ପ୍ରଭୁ ଭଜନ ଓ ଲକ୍ଷ୍ୟ ପ୍ରତି ଏକନିଷ୍ଠ ଭାବର ଅଭ୍ୟାସ କରାଯାଇଥାଏ । ମିତବ୍ୟୟିତାପୂର୍ଣ୍ଣ ସାଦା ଜୀବନ-ଉଚ୍ଚ ବିଚାର ତଥା ବଦଖର୍ଚ୍ଚରୁ ରକ୍ଷା ପାଇବାର ପ୍ରୟାସ ମାଧ୍ୟମରେ ଅର୍ଥ ସଂଯମ ସାଧ ହୋଇଥାଏ । ଅନ୍ୟମାନଙ୍କ ସହିତ ସତ୍ୟନିଷ୍ଠ, ମଧୁର ଏବଂ ଶାଳୀନ ବାଣୀ –ବ୍ୟବହାର ଅଧ୍ୟାତ୍ମର ଅନିବାର୍ଯ୍ୟ ପକ୍ଷ, ଯେଉଁଥିରେ ଶାଳୀନତା, ସହକାରିତା, ବିନମ୍ରତା, ସମ୍ବେଦନଶୀଳତା ଭଳି ସଦ୍‌ଗୁଣ ଗୁଡ଼ିକର ଆଚରଣରେ ଯଥାସମ୍ଭବ ସମାବେଶ କରାଯାଇଥାଏ ।

ଏହା ସହିତ ଦୈନିକ ଜୀବନରେ ପ୍ରକୃତିର ସାନ୍ନିଧ ସହଜ ରୂପେ ଜୀବନର ଆଧ୍ୟାତ୍ମିକ ସତ୍ୟ ସହିତ ଯୋଡ଼ି ହୋଇଯାଏ । ପ୍ରକୃତିର କୋଳରେ ବିତାଇଥିବା କିଛି କ୍ଷଣ ପରମେଶ୍ୱରଙ୍କ ସହିତ ତଥା ସ୍ୱୟଂ ସହିତ ଯୋଡ଼ିହେବାର ମାଧ୍ୟମ ହୋଇଯାଏ । ଏହା ସାଙ୍ଗକୁ ମଝିରେ ମଝିରେ ମୌନ, ଉପବାସ, ଏକାନ୍ତବାସର ପ୍ରୟୋଗ ଏଥିରେ ନୂତନ ରସ ଗୋଳିଥାଏ । ଏସବୁ ପ୍ରୟୋଗ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ଆଧ୍ୟାତ୍ମିକ ଉନ୍ନତି-ପ୍ରଗତିରେ ବହୁତ ସହାୟକ ହୋଇଥାଏ ।

ବହୁ ଅଧିକ ବହିର୍ମୁଖତା ତଥା କୁସଂଗ ଦୋଷରୁ ଦୂରେଇ ରହିବା ଶ୍ରେୟସ୍କର । ଏ ସନ୍ଦର୍ଭରେ କରାଯାଇଥିବା ସାଧାରଣ ଅସାବଧାନତା ସାଧନାର ବୀଜାଙ୍କୁରକୁ ପୁଷ୍ପିତ-ପଲ୍ଲବିତ ହେବା ପୂର୍ବରୁ ତା ଉପରେ ତୁଷାରପାତ କରି ଦେଇଥାଏ । ଏହି ପ୍ରକାର ନିଜର ଆର୍ଥିକ ପ୍ରଗତି ପାଇଁ ସଜାଗ ଓ ସଚେଷ୍ଟ ଜୀବନ ଅଧ୍ୟାତ୍ମର ଅନିବାର୍ଯ୍ୟ ପକ୍ଷ ହୋଇଥାଏ ।

ଏ ସନ୍ଦର୍ଭରେ ଆଜିକାଲି ସ୍ମାର୍ଟ ଫୋନର ସଂଯମିତ ଏବଂ ବିବେକ ସଂଗତ ଉପଯୋଗ ଅଭୀଷ୍ଟ ହୋଇଯାଏ । ମୋବାଇଲରେ ବିଭିନ୍ନ ପ୍ରକାରର ସାମଗ୍ରୀ ଭରି ହୋଇ ରହିଥାଏ । ଦ୍ୱିତୀୟରେ ଏହାର ଅଭ୍ୟାସ ହୋଇଗଲେ ଛାଡ଼ିବାର ନାମ ନେଇ ନଥାଏ ।

ଉପଯୋଗକର୍ତ୍ତା ଆଜିକାଲି ଘଣ୍ଟା ଘଣ୍ଟା ଧରି ଏହାର ମାୟାବୀ ଦୁନିଆରେ ବାଟବଣା ହେବା ପାଇଁ ବିବଶ ଓ ବାଧ ହେବାର ଦେଖାଯାଏ ଏବଂ ନିଜର କର୍ତ୍ତବ୍ୟ ଓ ଜୀବନଲକ୍ଷ୍ୟର ମୂଲ୍ୟ ଏଥିରେ ଲଗାଇ ଦେଉଥିବାର ଦେଖାଯାଏ । ଏଣୁ ନିଜର ଶାରୀରିକ– ମାନସିକ ସ୍ୱାସ୍ଥ୍ୟ ଓ ଆର୍ଥିକ ଉନ୍ନତି ଦୃଷ୍ଟିରୁ ମୋବାଇଲର ଅନୁଶାସିତ ଉପଯୋଗ କରିବା ଦରକାର । ଯେତିକି ଆବଶ୍ୟକ, ସେତିକି ହିଁ ଏହାକୁ ନିଜର ଜୀବନ ଓ କକ୍ଷରେ ସ୍ଥାନ ଦିଅନ୍ତୁ । ରାତିରେ ଦିନ ଯାକର ଦିନଚର୍ଯ୍ୟାର ମୂଲ୍ୟାଙ୍କନ ତଥା ଡାଏରି ଲେଖନ ସହିତ ରାତ୍ରି ବିଶ୍ରାମ ଆଡ଼କୁ ବଢ଼ିବା ଆଧ୍ୟାତ୍ମିକ ଜୀବନର ମହତ୍ତ୍ୱପୂର୍ଣ୍ଣ ପକ୍ଷ । ଡାଏରିରେ ଦିନ ତମାମର ଲେଖାଯୋଖା କରନ୍ତୁ । ଯେଉଁଠି ପ୍ରଗତି ହୋଇଛି, ସେଠାରେ ନିଜକୁ ସାବାସି ଦିଅନ୍ତୁ ତଥା ଯେଉଁଠି ସୁଧାରର ଆବଶ୍ୟକତା ରହିଛି, ସେଠାରେ ପ୍ରାୟଶ୍ଚିତ୍ତରୁ ନେଇ ପ୍ରାର୍ଥନା ଏବଂ ନୂତନ ସଂକଳ୍ପର ସାହାଯ୍ୟ ନିଅନ୍ତୁ । ଏହି ପ୍ରକାର ମନକୁ ଖାଲି କରି କୃତଜ୍ଞତାର ଭାବ ସହିତ ନିଦ୍ରାଦେବୀଙ୍କ କୋଳରେ ପ୍ରବେଶ କରନ୍ତୁ ମୃତ୍ୟୁର କୋଳକୁ ଯାଉଛନ୍ତି ବୋଲି ମନେକରନ୍ତୁ । ଏହି ଅଭ୍ୟାସ ଜୀବନକୁ ଗଭୀର ସ୍ତରରେ ଜିଇବାର ଅଭ୍ୟାସ କରାଇବ ଏବଂ ଏପରି ସ୍ଥିତିରେ ନିଦ୍ରା ଯୋଗନିଦ୍ରାର ରୂପ ଧାରଣ କରି ନୂତନ ଊର୍ଜା ଓ ସତେଜତାର ମାଧ୍ୟମ ହେବ ତଥା ଜୀବନ ନୂତନ ଆଧ୍ୟାତ୍ମିକ ସତ୍ୟ ସହିତ ପୁଷ୍ଟ ଓ ସମୃଦ୍ଧ ହେବାରେ ଲାଗିବ ।

# ରାମାୟଣ କଥା : ଅହଲ୍ୟା ଉଦ୍ଧାର ପ୍ରସଙ୍ଗ



## ଡ଼ଃ ପ୍ରମୋଦ କୁମାର ପଣ୍ଡା

ମିଥିଳା ଅଭିମୁଖେ ଯାତ୍ରା କଲାବେଳେ ବିଶ୍ୱାମିତ୍ର, ରାମଚନ୍ଦ୍ର ଓ ଲକ୍ଷ୍ମଣ ଏକ ରମଣୀୟ ନଗରୀରେ ପହଞ୍ଚିଲେ । ଉକ୍ତ ସୁରମ୍ୟ ନଗରୀର ଇତିହାସ ଜାଣିବାକୁ ରାମଚନ୍ଦ୍ର ଇଛା ପ୍ରକାଶ କଲେ । କଥାରମ୍ଭ କଲେ ମହର୍ଷି ବିଶ୍ୱାମିତ୍ର । ସତ୍ୟ ଯୁଗର ଘଟଣା । ମହର୍ଷି କାଶ୍ୟପଙ୍କ ଦୁଇ ପତ୍ନୀ ଥିଲେ । ଅଦିତି ଏବଂ ଦିତି । ଅଦିତିଙ୍କ ପୁତ୍ରମାନେ ଦେବତା । ଦିତିଙ୍କ ପୁଅସବୁ ଦୈତ୍ୟ । ଉଭୟ ଦେବ ଓ ଦୈତ୍ୟଙ୍କ ମନରେ ଏକଦା ଏକ ବିଚାର ଆସିଲା । କ୍ଷୀରସାଗରୋଦ୍ଭବ ଅମୃତ ସେବନ କଲେ ତାଙ୍କୁ ଅମରତ୍ୱ ପ୍ରାପ୍ତ ହୁଅନ୍ତା । ମନ୍ଦରାଚଳ ପର୍ବତକୁ ମଥନୀ ଓ ବାସୁକୀକୁ ରଜ୍ଜୁ ରୂପେ ଉପଯୋଗ କରି ସମୁଦ୍ର ମନ୍ଥନ ପ୍ରାରମ୍ଭ ହେଲା । ସମୁଦ୍ର ମନ୍ଥନରୁ ହଳାହଳ ବିଷ, ପାରିଜାତ ବୃକ୍ଷ, ପାଞ୍ଚଜନ୍ୟ ଶଙ୍ଖ, ଭଗବାନ ଧନ୍ୱନ୍ତରୀ, ଧନଦେବୀ ଲକ୍ଷ୍ମୀ, ଉଚ୍ଚୈଶ୍ରବା ଅଶ୍ୱ, କାମଧେନୁ ଗାଈ, ଐରାବତ ହସ୍ତୀ, କୌସ୍ତୁଭ ମଣି, କଳ୍ପବୃକ୍ଷ, ଅପସରା ରମ୍ଭା, ବାରୁଣୀ, ଚନ୍ଦ୍ରମା, ସାରଙ୍ଗ ଧନୁ ଏବଂ ଅନ୍ତିମରେ ଅମୃତ କଳସ ଉତ୍ପନ୍ନ ହେଲେ । ପୃଥିବୀର କଲ୍ୟାଣ ପାଇଁ ଦେବ ଦେବ ମହାଦେବ କାଳକୂଟ ବିଷ ନିଜ କଣ୍ଠରେ ଧାରଣ କରିନେଲେ । ବିଷ ପ୍ରଭାବରୁ ତାଙ୍କ କଣ୍ଠ ନୀଳ ବର୍ଣ୍ଣ ହେଲା । ଭଗବାନ ଶଙ୍କର ନୀଳକଣ୍ଠ ବୋଲାଇଲେ । ଭଗବାନ ବିଷ୍ଣୁ ମୋହିନୀ ମାୟା ବଳରେ ଦେବତାଙ୍କ ମଙ୍ଗଳ ପାଇଁ ଅମୃତ କଳସ ଅପହରଣ କରିନେଲେ । ଅମୃତ ସେବନରୁ ବଞ୍ଚିତ ଦୈତ୍ୟ ଦେବତାଙ୍କ ସହ ଘୋର ଯୁଦ୍ଧ କଲେ । ଅନେକ ଦୈତ୍ୟ ନିହତ ହେଲେ । ପୁତ୍ରଙ୍କ ପରାଜୟ ଓ ନିହତ ଖବର ଶୁଣି କାଶ୍ୟପ ପତ୍ନୀ ଦିତି ଅତ୍ୟନ୍ତ କ୍ରୋଧିତ ହେଲେ । ଉଗ୍ର ତପସ୍ୟା ବଳରେ ମହର୍ଷି ସ୍ୱାମୀଙ୍କୁ ସନ୍ତୁଷ୍ଟ କରି ଏକ ବଳବାନ ପୁତ୍ରାକାଂକ୍ଷା କଲେ, ଯିଏ ଇନ୍ଦ୍ରଦେବଙ୍କୁ ଯୁଦ୍ଧରେ ପରାସ୍ତ କରିପାରିବ । ଇନ୍ଦ୍ରଦେବ ଏହା ଜାଣିପାରିଲେ । ନିଜ ମାଉସୀଙ୍କୁ ପ୍ରସନ୍ନ କରିବା ଉଦ୍ଦେଶ୍ୟରେ ତାଙ୍କରି ସେବାରେ ତ୍ୱରିତ ଉପସ୍ଥିତ ହେଲେ । ଦିତି ଇନ୍ଦ୍ରଙ୍କ ସେବାରେ ଅତ୍ୟନ୍ତ ପ୍ରୀତ ହେଲେ । ହଠାତ ଅସମୟରେ ଦିତିଙ୍କ ଆଖି ଲାଗିଗଲା । ନିଦ୍ରିତାବସ୍ଥାରେ ଦିତିଙ୍କ କେଶ ତାଙ୍କ ପାଦରେ ସ୍ପର୍ଶ ହେଲା । ସେ ଅପବିତ୍ରା ହେଲେ । ସୁଯୋଗ ହାତଛଡା ନକରି ଦେବରାଜ ଇନ୍ଦ୍ର ତତକ୍ଷଣାତ ଦିତିଙ୍କ ଗର୍ଭରେ ପ୍ରବେଶ କଲେ । ଦିତିଙ୍କ ଗର୍ଭରେ ବଢୁଥିବା ପୁତ୍ର ସନ୍ତାନକୁ ସାତ ଖଣ୍ଡ କରି ହତ୍ୟା କଲେ । ଇନ୍ଦ୍ରଙ୍କ କୁକର୍ମ ଜ୍ଞାତ ହେଲେ ଦିତି । ଇନ୍ଦ୍ରକୁ କହିଲେ ତୁମର କୁର କର୍ମ ଆମ ଦିଜଣଙ୍କ ପାଇଁ କଣ କଲେ ସୁଖଦ ହେବ ତାହା ଆମେ ଚିନ୍ତା କରିବା ଉଚିତ । ମୋ ପୁତ୍ରର ସାତ ଖଣ୍ଡ ସାତ ମରୁତଗଣ ରୂପେ ଜନ୍ମ ନିଅନ୍ତୁ । ପ୍ରଥମ ମରୁତ ବ୍ରହ୍ମଲୋକ, ଦ୍ୱିତୀୟ ମରୁତ ଇନ୍ଦ୍ରଲୋକ ଓ ତୃତୀୟ ମରୁତ ବାୟୁ ନାମରେ ଅନ୍ତରୀକ୍ଷରେ ବିଚରଣ କରୁ । ଅବଶିଷ୍ଟ ଚାରି ମରୁତ ତୁମର ଆଜ୍ଞାଧୀନ ହୋଇ ଚାରିଦିଗରେ ବିଚରଣ କରନ୍ତୁ । ଦିତିଙ୍କ ପ୍ରସ୍ତାବରେ ଇନ୍ଦ୍ରଦେବ ସମ୍ମତି ପ୍ରକାଶ କରି କହିଲେ ଆପଣଙ୍କ ସାତପୁତ୍ର ଦେବ ରୂପରେ ଜଗତରେ ବିଚରଣ କରିବେ । ଏହି ବିଶାଳ ନଗରୀ ସେହି ପୂଣ୍ୟ ସ୍ଥାନରେ ନିର୍ମିତ ଯେଉଁଠି ଦିତି ତପସ୍ୟାରତା ଥିଲେ । ମହାରାଜ ଇକ୍ଷ୍ୱାକୁଙ୍କ ପୁତ୍ର ବିଶାଳ ଏହି ନାଗରୀର ନିର୍ମାତା । ସମ୍ପ୍ରତି ତାଙ୍କ ବଂଶଜ ମହା ତେଜସ୍ୱୀ ରାଜା ସୁମତି ଏଠି ନିବାସ କରନ୍ତି । ସେଦିନ ମହର୍ଷି ବିଶ୍ୱାମିତ୍ର, ରାମ, ଲକ୍ଷ୍ମଣ ଏବଂ ଅନ୍ୟ ଋଷି ଗଣ ରାଜା ସୁମତିଙ୍କ ଅନୁରୋଧ କ୍ରମେ ତାଙ୍କର ଆତିଥ୍ୟ ଗ୍ରହଣ କଲେ ଓ ତାଙ୍କ ରାଜ ଉଆସରେ ରାତ୍ରିଯାପନ କଲେ । ପରଦିନ ପ୍ରାତଃ କାଳରେ ମିଥିଳା ପାଇଁ ସମସ୍ତେ ପ୍ରସ୍ଥାନ କଲେ ।

ମିଥିଳା ରାସ୍ତାରେ ଏକ ପୁରୁଣା ଆଶ୍ରମ ରାମଚନ୍ଦ୍ରଙ୍କ ଦୃଷ୍ଟି ଆକର୍ଷଣ କଲା । ଅତ୍ୟନ୍ତ ରାମଣୀୟ । ମନୋରମ । ପରନ୍ତୁ ନିର୍ଜନ, ଶୂନଶାନ । ରାମଚନ୍ଦ୍ର ତାଙ୍କର ଜିଜ୍ଞାସା ପ୍ରକଟ କଲେ । ମହର୍ଷି ବୁଝେଇ କହିଲେ ପୂର୍ବକାଳରେ ଏହା ମହାତ୍ମା ଗୌତମଙ୍କ ଆଶ୍ରମ ଥିଲା । ନିଜ ପତ୍ନୀ ଅହଲ୍ୟାଙ୍କ ସହ ଏଠି ନିବାସ କରୁଥିଲେ । ସାଧନାରତ ଥିଲେ । ତପ କରୁଥିଲେ । ଦେବୀ ଅହଲ୍ୟା ପରମ ସୁନ୍ଦରୀ ଥିଲେ । ଦେବରାଜ ଇନ୍ଦ୍ରଙ୍କ ଲୋଲୁପ ଦୃଷ୍ଟି ତାଙ୍କ ଉପରେ ପଡିଲା । ଦିନକର ଘଟଣା । ଗୌତମ ମୁନିଙ୍କ ଅନୁପସ୍ଥିତିରେ ଦେବରାଜ ଇନ୍ଦ୍ର ଗୌତମ ମୁନିଙ୍କ ଛଦ୍ମ ବେଶରେ ଆସି ଦେବୀ ଅହଲ୍ୟାଙ୍କୁ ପ୍ରଣୟ ନିବେଦନ କଲେ । ଦେବୀ ଅହଲ୍ୟାଙ୍କୁ ଜ୍ଞାତ ଥିଲା ଯେ ସେ ମୁନି ଗୌତମ ନୁହନ୍ତି, ଇନ୍ଦ୍ରଦେବ । ଦେବରାଜ ଇନ୍ଦ୍ରଙ୍କୁ ମୁନି ଗୌତମଙ୍କ ବେଶରେ ଥିବାର ଜାଣି ମଧ ସେ କୌତୂହଳ ବଶତଃ ତାଙ୍କ ପ୍ରସ୍ତାବ ସ୍ୱୀକାର କରିନେଲେ । ତାଙ୍କ ସହ ସମାଗମ କଲେ । ସମାଗମ ପରେ ଦେବୀ ଅହଲ୍ୟା ଇନ୍ଦ୍ରଦେବଙ୍କୁ ଶୀଘ୍ରାତିଶୀଘ୍ର ଆଶ୍ରମ ଛାଡି ପଳାୟନ କରିବାକୁ ଅନୁରୋଧ କଲେ । ପଳାୟନୋଦ୍ୟତ ଇନ୍ଦ୍ରଦେବ ମହାତ୍ମା ଗୌତମଙ୍କ ହାବୁଡ଼ରେ ପଡିଲେ । ଆଶ୍ରମରେ ପ୍ରବେଶ କରୁଥିବା ମୁନିବରଙ୍କୁ ଦେଖି ଇନ୍ଦ୍ରଦେବ ଅତ୍ୟନ୍ତ ଭୟଭୀତ ହେଲେ । ମହାତ୍ମା ଗୌତମ ଇନ୍ଦ୍ରଙ୍କୁ ନିଜ ବେଶରେ ଦେଖି ଅତ୍ୟନ୍ତ କ୍ରୋଧିତ ହେଲେ । ତାଙ୍କୁ ସହସ୍ର ଯୋନି ରୂପ ଧାରଣ କରିବାକୁ ଅଭିଶାପ ଦେଲେ । ତତ୍ପରେ କ୍ରୋଧିତ ମୁନି ନିଜ ଅର୍ଦ୍ଧାଙ୍ଗିନୀ ଦେବୀ ଅହଲ୍ୟାଙ୍କୁ ତାଙ୍କ କୁକର୍ମର ଫଳ ସ୍ୱରୂପ ଅଭିଶାପ ଦେଇ କହିଲେ, 'ତୁ ଦୁରାଚାରୁଣୀ ସବୁ ପ୍ରାଣୀଙ୍କଠୁଁ ଅଦୃଶ୍ୟ ହୋଇ କେବଳ ମାତ୍ର ପବନ ଆହାର କରି ଏହି ଆଶ୍ରମରେ ଏକାକୀ ବାସ କରିବୁ । 'ନିଜ ନିଜର ଭୁଲ ପାଇଁ ଅନୁତପ୍ତ ଇନ୍ଦ୍ରଦେବ ଏବଂ ଦେବୀ ଅହଲ୍ୟା କ୍ଷମା ଯାଚନା କଲେ । ମହାତ୍ମା ଗୌତମ ତାଙ୍କ ଅଭିଶାପ କୋହଳ କରି ଇନ୍ଦ୍ରଦେବଙ୍କୁ ସହସ୍ର ଚକ୍ଷୁ ହେବାକୁ କହିଲେ । ନିଜର ଧର୍ମପତ୍ନୀ ଦେବୀ ଅହଲ୍ୟାଙ୍କୁ କହିଲେ ଏକ ହଜାର ବର୍ଷ ପରେ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଏହି ଆଶ୍ରମରେ ପ୍ରବେଶ କଲେ ତୁ ତୋର ପୂର୍ବ ରୂପ ଫେରି ପାଇବୁ । ଏତକ କହି ମହର୍ଷି ବିଶ୍ୱାମିତ୍ର ରାମଚନ୍ଦ୍ରଙ୍କୁ ଗୌତମ ମୁନିଙ୍କ ଆଶ୍ରମକୁ ଯିବାକୁ ଆଗ୍ରହ କଲେ । ଆଶ୍ରମରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଦର୍ଶନ ପାଇ ଦେବୀ ଅହଲ୍ୟା ଶାପମୁକ୍ତା ହେଲେ । ନିଜର ପୂର୍ବ ରୂପ ଫେରି ପାଇଲେ । ସମସ୍ତଙ୍କୁ ଦେଖାଗଲେ । ଉଭୟ ରାମଚନ୍ଦ୍ର ଓ ଲକ୍ଷ୍ମଣ ତାଙ୍କ ପାଦ ସ୍ପର୍ଶ କଲେ । ମହାତ୍ମା ଗୌତମ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କଲେ । ପତ୍ନୀ ଅହଲ୍ୟାଙ୍କୁ ପୂର୍ବ ରୂପରେ ଦେଖି ଅତ୍ୟନ୍ତ ପ୍ରସନ୍ନ ହେଲେ । ଉଭୟ ମୁନି ପତିପତ୍ନୀଙ୍କ ଆତିଥ୍ୟ ଗ୍ରହଣ ଉପରାନ୍ତେ ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ମିଥିଳା ଅଭିମୁଖେ ପ୍ରସ୍ଥାନ କଲେ ।

କେତେକ ସଂସ୍କରଣରେ ସମୁଦ୍ର ମନ୍ଥନ ଭଗବାନ ବିଷ୍ଣୁଙ୍କ ଆଦେଶ ଅନୁସାରେ ହୋଇଥିଲା ଏବଂ ଦେବୀ ଅହଲ୍ୟାଙ୍କୁ ମହାତ୍ମା ଗୌତମ ପଥରରେ ପରିବର୍ତ୍ତିତ ହେବାର ଅଭିଶାପ ଦେଇଥିଲେ ବୋଲି ବର୍ଣ୍ଣିତ ହେବାର ଦେଖିବାକୁ ମିଳେ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

## ଆଜିର ଚିନ୍ତନ

ହିନ୍ଦୁମାନଙ୍କର ଦେବତା ପରମ ପୂଜ୍ୟ ପ୍ରଭୁ ଶ୍ରୀରାମ ହେଉଛନ୍ତି ବିଷ୍ଣୁଙ୍କ ସପ୍ତମ ଅବତାର । ରଘୁକୁଳ ନନ୍ଦନ ଶ୍ରୀରାମ ମହାପ୍ରଭୁ- ପ୍ରାଣ ଜାୟ ପର୍ ବଚନ ନା ଜାୟ, ଏଇ କଥାକୁ ଅତି ମର୍ଯ୍ୟାଦାପୂର୍ଣ୍ଣ ଭାବେ ପାଳନ କରିଆସିଛନ୍ତି । ସେ ଥିଲେ ବଚନପାଳକ । ଏହା ସତ୍ୟ, ପିତୃସତ୍ୟ ପାଳନପୂର୍ବକ ଚଉଦ ବର୍ଷ ବନବାସ, ଏଥି ସହିତ ସୁଗ୍ରୀବଙ୍କ ସହିତ ବନ୍ଧୁତା ରକ୍ଷାକରି ବାଳୀଙ୍କୁ ମାରିବାରେ ସହାୟତା ତଥା ବିଭୀଷଣଙ୍କ ରାଜ୍ୟାଭିଷେକ ଆଦି ଅନେକ ବଚନ ପାଳନର କଥା ହିନ୍ଦୁ ପୁରାଣ ରାମାୟଣ ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି । ତନ୍ମଧ୍ୟରୁ ସେଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ଭକ୍ତି, ପୂଜାର ଅକାଟ୍ୟ ବଚନ ରକ୍ଷାର ଏକ କଥାଟିଏ- ରାବଣଙ୍କୁ ବଧ କରିବା ପୂର୍ବରୁ ଶ୍ରୀରାମ ମହାପ୍ରଭୁ ମାତା ଦୁର୍ଗାଙ୍କ ଆଶୀର୍ବାଦ ପ୍ରାପ୍ତ ନିମନ୍ତେ ପ୍ରାର୍ଥନାପୂର୍ବକ ଶହେଆଠ ପଦ୍ମଫୁଲ ଦେଇ ମାତାଙ୍କୁ ପ୍ରସନ୍ନ କରିବାର ସଙ୍କଳ୍ପ କରିଥିଲେ । ଦେବୀ ପରୀକ୍ଷା ନେବାକୁ ସେଥିରୁ ଗୋଟିଏ ଫୁଲ ଚୋରାଇ ରଖିନେଲେ । ଯୁଗେ ଯୁଗେ ଏହା ଅବଶ୍ୟ ହିଁ ହୋଇଥାଏ, ଭଗବାନ ଭକ୍ତର ପରୀକ୍ଷା ନେଇଥାନ୍ତି । ପୂଜାବିଧି ଆରମ୍ଭ କରିବା ବେଳକୁ ଗୋଟିଏ ଫୁଲ ଅର୍ଥାତ୍ ଶହେସାତ ପଦ୍ମଫୁଲ ଦେଖି ମା'ଙ୍କ ପୂଜା ଅସମ୍ପୂର୍ଣ୍ଣ ଓ ରାବଣ ବଧ ଲକ୍ଷ୍ୟ ସିଦ୍ଧି ହୋଇପାରିବ ନାହିଁ, ପ୍ରଭୁ ଶ୍ରୀରାମ ଶହେଆଠ ସଙ୍କଳ୍ପର କଥା ଭାବି ବିଚଳିତ ହୋଇପଡ଼ିଲେ । ଆଖିରେ ଲୁହ ଭରି ଆସିଲା । ବହୁତ ଖୋଜାଖୋଜି କଲେ, ହନୁମାନଙ୍କ ଦ୍ୱାରା ପ୍ରୟତ୍ନ କଲେ । କିନ୍ତୁ ଗୋଟିଏ ଫୁଲ ସଂଗ୍ରହ କରିପାରିଲେ ନାହିଁ । ଏପଟେ ସୂର୍ଯ୍ୟ ଅସ୍ତ ସମୟ ଉପନୀତ ହୋଇଆସୁଥାଏ । ମର୍ଯ୍ୟାଦା ପୁରୁଷୋତ୍ତମ ସ୍ୱୟଂ କମଳଲୋଚନ, ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ସଙ୍ଗେ ସଙ୍ଗେ ନିଜର ଲୋଚନକମଳକୁ ସେଇ ସ୍ଥାନରେ ଅର୍ପଣ କରି ସଙ୍କଳ୍ପ ରକ୍ଷା କରିବାକୁ ବଦ୍ଧପରିକର । ହେଲେ୍ ଚକ୍ଷୁ ଦେବାକୁ ଯାଉଥିଲେ, ପ୍ରସନ୍ନତାପୂର୍ବକ ଦେବୀ ପ୍ରକଟ ହୋଇ ତାଙ୍କ ଭକ୍ତି ଓ ସଙ୍କଳ୍ପର ସେ ପରୀକ୍ଷା ନେଉଥିଲେ କହି ମନସ୍କାମନା ପୂରଣ କରିଥିଲେ ଓ 'ବିଜୟୀ ଭବ'ର ଆଶୀର୍ବାଦ ଦେଇଥିଲେ । ମା'ଙ୍କ କୃପାରୁ ଦୁଷ୍ଟ ରାବଣର ବଧ ହୋଇପାରିଥିଲା । ରାବଣର ଅନ୍ତରେ ଅନ୍ୟାୟର ଅନ୍ତ । ତେଣୁ ବିଜୟୀ ପର୍ବ ରୂପେ ଦଶହରା ପର୍ବ ଆଜି ହିନ୍ଦୁମାନଙ୍କର ବଡ଼ ଗଣପର୍ବ ରୂପେ ପାଳିତ ହୋଇଆସୁଛି । ବଚନବଦ୍ଧ ପ୍ରଭୁ ଶ୍ରୀରାମ ବଚନ ପାଳନର ଜଣେ ମହାନ ରକ୍ଷକ ଥିଲେ ଏବଂ ଆଶ୍ଚର୍ଯ୍ୟର କଥା, ସ୍ୱୟଂ ଭଗବାନ ଅବତାରୀ ପୁରୁଷ ହୋଇ ଭକ୍ତି ଓ ପୂଜାରେ ଦେବୀଙ୍କ ସମ୍ମୁଖରେ ଜଣେ ଅଭିଭୂତ ଭକ୍ତ ପାଲଟି ଯାଇଥିଲେ ।

# ସାଧନାରେ ସଫଳତା ପାଇଁ ତପଶ୍ଚର୍ଯ୍ୟା ଆବଶ୍ୟକ

ସାଧନା ପ୍ରସଙ୍ଗରେ ଯେତେସବୁ କ୍ରିୟା-ପ୍ରକ୍ରିୟାର ଉଲ୍ଲେଖ ରହିଛି, ତାହା ମଧ୍ୟରୁ ଆତ୍ମଶୋଧନ ଏବଂ ତପଶ୍ଚର୍ଯ୍ୟ ପ୍ରଧାନ ଅଙ୍ଗ ରୂପରେ ଗୃହୀତ । କାରଣ ଏହାଦ୍ୱାରା ସଞ୍ଚିତ କଷାୟ କଲ୍ମଷର ନିରାକରଣ ହୋଇଥାଏ ; ସଂସ୍କାର ଶୁଦ୍ଧପୂତ ହେବାର ଅବସର ପାଏ । ସଞ୍ଚିତ ଦୁଷ୍କର୍ମର ନିବାରଣ ସମ୍ଭବ ହେଲେ ଅଭୀଷ୍ଟ ସଫଳତା ସହଜରେ ପ୍ରାପ୍ତ ହୋଇଥାଏ । ତପଶ୍ଚର୍ଯ୍ୟାଦ୍ୱାରା ସଞ୍ଚିତ ସଂଗୃହୀତ ଅଶୁଭର ନିରାକରଣ ଓ ଶୁଭ ସୁଖଦ କର୍ମର ଶୀଘ୍ର ପରିପାକ ସମ୍ଭବ ହୋଇଥାଏ । ଏଠାରେ ତପଶ୍ଚର୍ଯ୍ୟାର ତାତ୍ପର୍ଯ୍ୟ ହେଲା-ଶୋଧନପ୍ରକ୍ରିୟାରେ ଅଭୀଷ୍ଟ ଉର୍ଜାର ବିନିଯୋଗ-ଉପଯୋଗ; ଓଜସ୍ୱିତା, ତେଜସ୍ୱିତା ତଥା ମନସ୍ୱିତା ଆଦିର ପୁଷ୍ଟି ସାଧନ । ଏହା ଆଧ୍ୟାତ୍ମିକ ଉଷ୍ମତାର (ଉତ୍ତାପର) ଅବଦାନ ଫଳରେ ସମ୍ଭବ ହୋଇଥାଏ । ଏହାକୁ ଅନ୍ତଃଉର୍ଜା ଜାଗରଣ ପ୍ରକ୍ରିୟା କୁହାଯାଇପାରେ । ଅନେକ କାରଣରୁ ବର୍ତ୍ତମାନ ସମୟରେ କ୍ଲିଷ୍ଟ କୃଚ୍ଛ ସାଧନାପରକ ତପଶ୍ଚର୍ଯ୍ୟା ସମ୍ଭବ ହୋଇପାରିବ ନାହିଁ । ଶାରୀରିକ ଓ ପାରିବାରିକ ଦୃଷ୍ଟିରୁ ଏଭଳି ତପଶ୍ଚର୍ଯ୍ୟା ଅସମ୍ଭବ । ତେଣୁ ଚାନ୍ଦ୍ରାୟଣ ବ୍ରତକୁ ଅଭୀଷ୍ଟ ତପଶ୍ଚର୍ଯ୍ୟାରୂପେ ଗ୍ରହଣ କରାଯାଇପାରେ ।

ଏହି ସାଧନାର ପ୍ରଥମ ପାଦ ହେଲା- ଉପବାସ, ଅର୍ଥାତ୍ ଖାଦ୍ୟ ଗ୍ରହଣର ନିରଙ୍କୁଶତା ତ୍ୟାଗକରି ତାକୁ ସୁଶୃଙ୍ଖଳିତ-ନିୟନ୍ତ୍ରିତ କରିବା, ଯାହାଦ୍ୱାରା ପାଚନ ତନ୍ତ୍ରକୁ ସୁସ୍ଥ, ସବଳ ଓ ପ୍ରଖର କରାଯାଇପାରିବ । ଭେଷଜ ବିଜ୍ଞାନ କହେ- ଶରୀରପାଇଁ ଅନ୍ନ ହେଉଛି ପୋଷକ ତତ୍ତ୍ୱ । ଅଧ୍ୟାତ୍ମ ବିଜ୍ଞାନ କହେ-ଅନ୍ନ କେବଳ ଶରୀରକୁ ହିଁ ପୋଷଣ ଯୋଗାଏ ନାହିଁ, ଏହା ମନକୁ ମଧ୍ୟ ଗଠନ କରେ । ଅନ୍ନ ଓ ମନ ପରସ୍ପର ସମ୍ବନ୍ଧିତ । ଅନ୍ନ ସୁସଂସ୍କାରଯୁକ୍ତ ହେଲେ ମନ ସଂସ୍କାରିତ ହୋଇଥାଏ । ତେଣୁ କୁହାଯାଏ – ଯେଭଳି ଅନ୍ନ, ସେଭଳି ମନ । ଅନ୍ୟ ଏକ ଆବଶ୍ୟକ କଥା ହେଲା- ଆତ୍ମଶୋଧନ, ଅର୍ଥାତ୍ କଷାୟ କଲ୍ମଷର ନିରାକରଣ । ଅନ୍ତଃକ୍ଷେତ୍ରରେ ରହିଥିବା କୁସଂସ୍କାରକୁ, ଜନ୍ମ-ଜନ୍ମାନ୍ତରର ଜୀବନ୍ତ ପ୍ରକୃତି –ପ୍ରବୃତ୍ତିକୁ ବହିଷ୍କାର କରି ତାହାର ସ୍ଥାନରେ ସୁସଂସ୍କାର ପ୍ରତିଷ୍ଠା କରିବା । ବ୍ୟକ୍ତିତ୍ୱ ପରିଷ୍କାରର ଅନ୍ୟ ଏକ ପ୍ରକରଣ ହେଲା-ଦୁଷ୍କର୍ମ ସମାଜର ଯେଉଁ କ୍ଷତି ଘଟାଇଛି, ତାହାର କ୍ଷତିପୂରଣ କରିବା । ଅନ୍ତଃକରଣ ପରିଷ୍କାର ସୁସଂସ୍କାର ପ୍ରତିଷ୍ଠା କ୍ଷେତ୍ରରେ ସହାୟକ ହୋଇଥାଏ । ଶରୀର ଶୋଧନସହ ଅନ୍ତଃକରଣର ଶୋଧନ ଚାନ୍ଦ୍ରାୟଣଭଳି ତପଶ୍ଚର୍ଯ୍ୟାଦ୍ୱାରା ସମ୍ଭବ ହୋଇଥାଏ ।



ଚାନ୍ଦ୍ରାୟଣ ଅବଧିର ପୁରଶ୍ଚରଣରେ ତପ ଓ ତିତିକ୍ଷାର ବିଧି-ବିଧାନ ରହିଛି, ଯଥା- ଉପବାସ, ଭୂମିଶୟନ ଓ ଶରୀର ସେବାରେ ସ୍ୱାବଲମ୍ବୀ ହେବା । ଏସବୁ ସହିତ ବିଭିନ୍ନ ସ୍ତରର ସଂଯମ ଅଭ୍ୟାସ ଏହାର ଅନ୍ତର୍ଗତ । ଜ୍ଞାତବ୍ୟ ଯେ, ଏହି ସଂଯମ ବାକ୍ୟମଠାରୁ ଆରମ୍ଭକରି ବିଚାର ସଂଯମର ତିତିକ୍ଷା ସବୁ ଏହାର ଅନ୍ତର୍ଭୁକ୍ତ । ଏଥିରେ ଇନ୍ଦ୍ରିୟ ସଂଯମ ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରେ । ତପ ସହିତ ପ୍ରାୟଶ୍ଚିତ୍ତ ମଧ୍ୟ ଏହି ସାଧନାର ଏକ ଅନିବାର୍ଯ୍ୟ ଅଙ୍ଗ । ଏଥିରେ ବ୍ୟକ୍ତିଦ୍ୱାରା କରାଯାଇଥିବା ପାପକର୍ମର ଯେଉଁ ଗ୍ରନ୍ଥି ସୃଷ୍ଟି ହୋଇଛି, ତାହାର ବେଧନହେତୁ ମାର୍ଗଦର୍ଶକଙ୍କ ନିକଟରେ ସେସବୁର ପ୍ରକଟୀକରଣ ସହିତ ପ୍ରାୟଶ୍ଚିତ୍ତ ବିଧାନ ସମ୍ପନ୍ନ କରିବାକୁ ହୁଏ । ଏହା ବିନା ଅନ୍ତଃକ୍ଷେତ୍ରର ଦୁଷ୍କର୍ମ ଗ୍ରନ୍ଥି (ପାପଗଣ୍ଠି) ଖୋଲେ ନାହିଁ ଏବଂ ତାହା ବିନା ଅନ୍ତଃକରଣର ପରିଶୋଧନ ହୁଏ ନାହିଁ । ଆଉ ପରିଶୋଧନ-ପରିଷ୍କରଣ ବିନା ବିକାଶ-ବିସ୍ତାର ସମ୍ଭବ ନୁହେଁ । ଅତଃ ପ୍ରାୟଶ୍ଚିତ୍ତ ପ୍ରକ୍ରିୟା ଏହି ସାଧନାର ଏକ ଅପରିହାର୍ଯ୍ୟ ଅଙ୍ଗ । ଏହି ପ୍ରାୟଶ୍ଚିତ୍ତ ପ୍ରକ୍ରିୟାରେ କୃତକର୍ମପାଇଁ ନିଜକୁ ଧିକ୍କାର କରିବା ସହିତ ସମାଜରେ ଘଟାଇଥିବା କ୍ଷତିର ପୂରଣ କରିବା ଏକ ଅନିବାର୍ଯ୍ୟ ପ୍ରକରଣ ସଂଯମ ସାଧନା ତଥା ତପ ତିତିକ୍ଷା ତ ନିଶ୍ଚିତ ; ଏହା ସହିତ ଜ୍ଞାନଯଜ୍ଞ (ଜନମାନସରେ ଜାଗରଣ ସୃଷ୍ଟି) ମଧ୍ୟ ଏହି ପ୍ରାୟଶ୍ଚିତ୍ତ ପ୍ରକ୍ରିୟାର ଏକ ଅଙ୍ଗବିଶେଷ । ଏସବୁ ପ୍ରକ୍ରିୟାକୁ ଯେତିକି ପୂରଣ କରାଯାଇପାରିବ, ସାଧନା ଦିଗରେ ସେତିକି ସଫଳତା ପ୍ରାପ୍ତ ହେବ ।

ବର୍ଷ ୨୮, ସଂଖ୍ୟା - ୪୦, ୬ - ୧୨ ଅକ୍ଟୋବର ୨୦୨୪

# ଗାନ୍ଧୀ ଦର୍ଶନ ବିଶ୍ୱର ମାର୍ଗଦର୍ଶକ

ମଣିଷ ସମାଜର 'ମୃତ୍ୟୁ ଘଣ୍ଟି' ବଜାଉଛି ଆମର ଆଧୁନିକତା । ସାରା ବିଶ୍ୱରେ ଯୁଦ୍ଧ ପ୍ରବଣତା ବୃଦ୍ଧି ପାଉଛି । ଆମର ଜ୍ଞାନ-ବିଜ୍ଞାନର ଅପପ୍ରୟୋଗ ଆମେ ହିଁ କରୁଛୁ । କ୍ଷିପ୍ର ଅର୍ଥନୈତିକ ବିକାଶ ବା ଅଭିବୃଦ୍ଧି ସମଗ୍ର ପୃଥିବୀ ପାଇଁ କାଳ ସାଜିଛି । ସହରୀକରଣ ଓ ଘରୋଇକରଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଶିକ୍ଷିତ ଗୋଷ୍ଠୀଙ୍କୁ ଅଧିକ ଖାଇବା, ଅଧିକ ପିନ୍ଧିବା, ଅଧିକ ଉପଭୋଗ କରିବାର ନିଶା ଘାରୁଛି । ଏହି ଧାରା ହେଉଛି ଉଗ୍ର ଉପଭୋକ୍ତାବାଦର କାରଣ ଓ ପରିଣାମ । ଏହା କେବଳ ବିକାଶର କୁହେଳିକା ସୃଷ୍ଟି କରୁଛି ।

ଭାରତରେ ସମସ୍ତେ ଏବେ ସହରମୁହାଁ; ଗାଁ ବିମୁଖୀ, ଚାଷ ବିମୁଖ ଓ ଶାରୀରିକ ପରିଶ୍ରମ କରିବାକୁ ଘୃଣା କରୁଛନ୍ତି । ଗାନ୍ଧିଜୀ ନିଜେ ଜଣେ ସରଳ ଜୀବନର ପ୍ରତୀକ ଥିଲେ । ସେ କୌଣସି "ଇଜିମ୍" ବା ବାଦର ସ୍ରଷ୍ଟା ବା ପ୍ରବକ୍ତା ନଥିଲେ । ସେ ସମାଜର ଆର୍ଥିକ, ସାମାଜିକ, ରାଜନୈତିକ, ସାଂସ୍କୃତିକ, ଆଧାତ୍ମିକ ଓ ଚାରିତ୍ରିକ ବିକାଶ ଲାଗି ସତ୍ୟ ଓ ଅହିଂସାର ପ୍ରୟୋଗ ଦିଗରେ ବ୍ରତୀ ଥିଲେ । ସତ୍ୟକୁ ଈଶ୍ୱରରୂପେ ଗ୍ରହଣ କରି ନିଜ କର୍ମକୁ ଉପାସନା ଭାବେ ସମର୍ପଣ କରିବା ଗାନ୍ଧୀଙ୍କ ଜୀବନ ଶୈଳୀର ବିଶେଷତ୍ୱ । ତାଙ୍କର ନିଜ ଜୀବନ ସହିତ ରାଷ୍ଟ୍ର ଓ ବିଶ୍ୱ ଜୀବନରେ ଉନ୍ନତି ଆଣି ଏକ ସମୃଦ୍ଧ, ସମ୍ମାନଜନକ ଓ ସମତୁଲ ବ୍ୟବସ୍ଥା ସୃଷ୍ଟି ଲାଗି ସତ୍ୟାଗ୍ରହ ଥିଲା ତାଙ୍କର ସର୍ବୋତ୍କୃଷ୍ଟ ମାର୍ଗ୍ ସମୂହ ମଙ୍ଗଳରେ ବ୍ୟକ୍ତିର ବିକାଶ ସନ୍ନିହିତ ।

ଗାନ୍ଧିଜୀ ଜଣେ ଦେଶପ୍ରେମୀ ହିନ୍ଦୁ ଥିଲେ ; କିନ୍ତୁ ତାଙ୍କ ବିଚାରଧାରା ଆଦୌ ନିର୍ଦ୍ଦିଷ୍ଟ ଧର୍ମ କିମ୍ବା ରାଷ୍ଟ୍ରକୈନ୍ଦ୍ରିକ ନୁହେଁ । ଗାନ୍ଧୀ ଦର୍ଶନ ମୋଟାମୋଟି ଭାବରେ ଆଧାତ୍ମିକ ଭିତ୍ତି ଉପରେ ବ୍ୟକ୍ତିର ବିକାଶକୁ ନେଇ ପର୍ଯ୍ୟବସିତ । ସେଥିରେ ଲାଭ, ଲୋଭ, ଭେଦଭାବ, ହିଂସା, ଦ୍ୱେଷ, ଭୟ, ଘୃଣା, ଅହଂକାର ନ ଥାଏ । ସେଥିରେ ଆଦୌ ଦୁର୍ନୀତି, ଅତ୍ୟାଚାର କିମ୍ବା ଶୋଷଣ ନାହିଁ । ଗାନ୍ଧିଜୀଙ୍କ ଦର୍ଶନ ଆଧାରିତ ଅର୍ଥନୀତି ବ୍ୟବସ୍ଥାରେ ସମସ୍ତଙ୍କ ଅତ୍ୟାବଶ୍ୟକତା ପୂରଣ ହେଇପାରିବ । ସେ ବ୍ୟବସ୍ଥାରେ ଲୋଭ ଓ ଅଭାବ ବୋଧ ବଢେ ନାହିଁ କାମକରି ଜଣେ ବ୍ୟକ୍ତି ପାରିଶ୍ରମିକ ପାଇ ନିଜର ସମସ୍ତ ଆବଶ୍ୟକତା ମେଣ୍ଟାଇବା ଉଚିତ । ତାଙ୍କ ମତରେ କିଛି କର୍ମ ନକରି ଖାଦ୍ୟ ଗ୍ରହଣ କରିବା କିମ୍ବା ନିଜ କର୍ତ୍ତବ୍ୟରେ ଠକିବା, ଆଳସ୍ୟରେ ବା ଅଯ଼ସରେ ଜୀବନ ବିତାଇବା ଯେ କୌଣସି ଚୋରି, ଡକାୟତି କରିବା ସହ ସମାନ । ଅର୍ଥନୈତିକ ବୈଷମ୍ୟ ସୃଷ୍ଟି କରୁଥିବା ପ୍ରକ୍ରିୟା ସମାଜ ପାଇଁ ଅମାନବୀୟ ଓ ଅବାଞ୍ଛନୀୟ । ଗାନ୍ଧିଜୀଙ୍କ ଅର୍ଥନୀତି ଗ୍ରାମ ସ୍ୱରାଜକୁ କେନ୍ଦ୍ର କରି ଆଧାରିତ୍ ତାଙ୍କ ବିଚାରଧାରା ସହରୀକରଣକୁ ଆଦୌ ପ୍ରାଧାନ୍ୟ ଦିଏ ନାହିଁ ; କାରଣ ଅଧିକାଂଶ ଭାରତୀୟ ଗ୍ରାମାଞ୍ଚଳରେ ଜୀବନ ବିତାନ୍ତି ।

ଭାରତୀୟ ଆର୍ଥିକ ବ୍ୟବସ୍ଥା ଉପରେ ଯୁଗ ଯୁଗ ଧରି ଉପନିବେଶବାଦ, ସମାଜବାଦ, ସାମ୍ୟବାଦ ଓ ପୁଞ୍ଜିବାଦ ଇତ୍ୟାଦିର ପ୍ରୟୋଗ କଲା ପରେ, ଦେଶ ବିକଶିତ ହେଲା ନାହିଁ । ବିକାଶର ପ୍ରହେଳିକା କେବଳ ସୃଷ୍ଟି ହେଉଛି । ମୁଷ୍ଟିମେୟ ଲୋକେ ଉପକୃତ ହେଉଛନ୍ତି, ବାକି ଅଶୀ ଭାଗ ଲୋକ ସରକାରଙ୍କର ହିତାଧିକାରୀ ହୋଇ ରହିଛନ୍ତି । ନାଗରିକତ୍ୱ ହରାଇ ମହକିଲ ବା ଦୟାର ପାତ୍ର ସାଜିଛନ୍ତି । ବିକାଶର ବାସ୍ତବ ଚିତ୍ର କରୋନା କବଳିତ କରୁଣ କାହାଣୀରୁ ସ୍ପଷ୍ଟ ଜଣା ପଡ଼ିଲା । ଆମର ପୁରୁଣା ରୋଗ ଦାରିଦ୍ର୍ୟ ସାଙ୍ଗକୁ ବେକାରୀ ଓ ବେରୋଜଗାରୀ, ଦର ବୃଦ୍ଧି, ସ୍ୱାସ୍ଥ୍ୟ କ୍ଷେତ୍ରରେ ଲାଗିରହିଥିବା ସମସ୍ୟା ଆମର ଚିନ୍ତାର କାରଣ ହୋଇ ରହିଛି ।

ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନ ଓ ଭୂପୃଷ୍ଠ ଜଳର ଶୋଷଣ ଦ୍ୱାରା ଭୂତଳ ଜଳର ସ୍ତର କମିକମି ଯାଉଛି । ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ସମସ୍ୟା ଖୁବ୍ ଗୁରୁତର ହେଲାଣି । ତେଣୁ ସାରା ପୃଥିବୀର ଭବିଷ୍ୟତ ଅନ୍ଧକାରମୟ । ମଣିଷର ଜୟ ଭିତରେ ପରାଜୟ ଲୁକ୍‌କାୟିତ ।

ଚାଷ ହେଉଛି ଆମ ଦେଶର ମେରୁଦଣ୍ଡ । ଅଶୀ ଭାଗ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଚାଷ ଉପରେ ନିର୍ଭରଶୀଳ୍ ତେଣୁ ଚାଷକୁ, କୌଣସି କାରଣରୁ ହତାଦର କରିବା ଅତ୍ୟନ୍ତ ନିର୍ବୋଧତା । ସେଥିପାଇଁ ଗାନ୍ଧିଜୀ ବହୁମୁଖୀ ସମବାୟ ବ୍ୟବସ୍ଥାର ପ୍ରବକ୍ତା ଥିଲେ । ସମବାୟ ସମିତି ମାଧମରେ ଯୋଜନାବଦ୍ଧ ଭାବେ ଆବଶ୍ୟକତା ଅନୁଯାୟୀ ବିଭିନ୍ନ କିସମର ଚାଷ ସହ କୃଷିଜାତ ସାମଗ୍ରୀର ସଂରକ୍ଷଣ ଓ ଉଚିତ ମୂଲ୍ୟରେ ବିତରଣ ହେଲେ ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ ହେବ । ଚାଷ ସହ ଗ୍ରାମୀଣ ବିକାଶ, କୁଟୀର ଶିଳ୍ପ, କୃଷି ଭିଭିକ ଓ ଜଙ୍ଗଲ ଭିଭିକ ଶିଳ୍ପ ବିକଶିତ ହେବ । ଆଳସ୍ୟ, ଦାରିଦ୍ର୍ୟ ଓ ବେରୋଜଗାରୀ ଦେଶ ବିକାଶର ପରିପନ୍ଥୀ ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ, ପଞ୍ଚାୟତିରାଜ ଓ ଟ୍ରଷ୍ଟିସିପ୍ ବିଚାର ତାଙ୍କ ଆର୍ଥିକ ଦର୍ଶନର ମୂଳପିଣ୍ଡ ।

ଗାନ୍ଧିଜୀଙ୍କ ଅର୍ଥନୈତିକ ବ୍ୟବସ୍ଥାରେ ସମସ୍ତଙ୍କ ପାଖକୁ ମୌଳିକ ଶିକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟ ଏକ ଉତ୍କୃଷ୍ଟ ମାଧମ । ସେଠି ବଜାରୀକରଣ, ସନ୍ତୁଷ୍ଟୀକରଣ, ଉପଭୋକ୍ତାବାଦ, ଦୁର୍ନୀତି, ଶୋଷଣ ବା ବୈଷମ୍ୟର ସ୍ଥାନ ନାହିଁ । ନୈତିକତା ଓ ଶୃଙ୍ଖଳା ଆଧାରରେ ଜ୍ଞାନର ଗଣତାନ୍ତ୍ରୀକରଣ, ପରିମଳ, ସ୍ୱାସ୍ଥ୍ୟ ସେବା, ପୁଷ୍ଟି ସାଧନ, ଜାତି, ଧର୍ମ ଓ ଲିଙ୍ଗଗତ ସମାନତା, ସମ୍ପ୍ରଦାୟଗତ ସଦ୍‌ଭାବ, ଖଦୀ ଓ ଗ୍ରାମୋଦ୍ୟୋଗ, ଆତ୍ମନିର୍ଭରଶୀଳତା, ମିତବ୍ୟୟିତା, ସ୍ୱଦେଶୀ ସ୍ୱାଭିମାନ, ସଂଯମତା ଆଦି ଗାନ୍ଧୀ ଅର୍ଥନୀତିର ଗୋଟିଏ ଗୋଟିଏ ମୌଳିକ ଉପାଦାନ୍ । ଆଧାତ୍ମିକ ଭିତ୍ତିଭୂମି ଉପରେ ଗଢା ଯାଇଥବା ଅର୍ଥନୀତି ସମାଜରେ ସବୁଠାରୁ ଦରିଦ୍ରତମ ଲୋକର ବିକାଶ ପାଇଁ ଉଦ୍ଦିଷ୍ଟ । ସାମ୍ୟବାଦୀ ଓ ସମାଜବାଦୀ ଆର୍ଥିକ ବ୍ୟବସ୍ଥାର ଲକ୍ଷ୍ୟ ସହିତ ଗାନ୍ଧୀ ଅର୍ଥନୀତିର ଲକ୍ଷ୍ୟ ସମାନ ଲାଗୁଥିଲେ ମଧ ପ୍ରୟୋଗର ମାଧମ ସମ୍ପୂର୍ଣ୍ଣ ଅଲଗା । ନୀତିବିହୀନ ରାଜନୀତି ଦେଶ- ପାଇଁ ଖୁବ୍ କ୍ଷତିକାରକ । ଦିଗ ବିହୀନ ଅର୍ଥନୀତି ଦେଶ ପାଇଁ ଖୁବ୍ ମାରାତ୍ମକ୍ ଭାରତ ଭଳି ବିରାଟ ଦେଶ ପାଇଁ ଅନୁକରଣ ପନ୍ଥା ଅନୁପାଦେୟ । ଗାନ୍ଧିଜୀ - ଆତ୍ମନିର୍ଭରଶୀଳତାର ମୁଖ୍ୟ ପ୍ରବକ୍ତା ଥିଲେ । ଗାନ୍ଧିଜୀଙ୍କ ମତରେ ବିକେନ୍ଦ୍ରିତ ଯୋଜନା ତଳସ୍ତରରୁ(ଗ୍ରାମ) ପ୍ରସ୍ତୁତ ହେବା ଆବଶ୍ୟକ ।



# ଜଣେ ମାତ୍ର ପ୍ରକୃତ ସତ୍ୟାଗ୍ରହୀ

ମହାତ୍ମା ଗାନ୍ଧୀ

ଯଦି ଜଣେ ମାତ୍ର ସତ୍ୟାଗ୍ରହୀ ମଧ ଶେଷଯାଏ ଅଟଳ ରହିପାରିବ, ତେବେ ବିଜୟ ସୁନିଶ୍ଚିତ । ଅନ୍ୟମାନଙ୍କୁ ହତ୍ୟା କରିବାରେ ଲିପ୍ତ ରହିଥିବା ସମୟରେ ମୃତ୍ୟୁ ଲଭୁଥିବା ଏକ ନିୟୁତ ବ୍ୟକ୍ତିଙ୍କର ତ୍ୟାଗ ଅପେକ୍ଷା ଜଣେ ନିର୍ଦ୍ଦୋଷ ବ୍ୟକ୍ତିର ଆତ୍ମଦାନକୁ ନିୟୁତ ଗୁଣ ଅଧିକ ଶକ୍ତିଶାଳୀ ବୋଲି କୁହାଯିବ । କୌଣସି ଈଶ୍ୱର ବା ମନୁଷ୍ୟ ଏପର୍ଯ୍ୟନ୍ତ କଳ୍ପନା କରି ପାରିଥିବା ଯେକୌଣସି ଔଦ୍ଧତ୍ୟପୂର୍ଣ୍ଣ ଉତ୍ପୀଡ଼ନର ସମକ୍ଷରେ ନିର୍ଦ୍ଦୋଷ ବ୍ୟକ୍ତିମାନଙ୍କର ସ୍ୱେଚ୍ଛାପ୍ରଣୋଦିତ ଆତ୍ମୋତ୍ସର୍ଗ ବସ୍ତୁତଃ ଏକ ସର୍ବାଧିକ ଶକ୍ତିଶାଳୀ ପ୍ରତ୍ୟୁତ୍ତର ରୂପେ ହିଁ କାର୍ଯ୍ୟ କରିଥାଏ ।

ମୁଁ କହି ଆସିଛି ଯେ, ଆପଣାକୁ ପ୍ରାୟ ସମ୍ପୂର୍ଣ୍ଣଭାବରେ ଅହିଂସ ରଖି ପାରୁଥିବା ଜଣେମାତ୍ର ବ୍ୟକ୍ତି ରହିଥିଲେ ମଧ ସେ ତଥାପି ତା' ଚତୁର୍ଦ୍ଦିଗରେ ଜଳୁଥିବା ନିଆଁକୁ ନିର୍ବାପିତ କରିଦେଇ ପାରିବ । ଗଣତନ୍ତ୍ରର ଏହି ଯୁଗରେ ଜନଗଣଙ୍କର ସାମୂହିକ ଉଦ୍ୟମଦ୍ୱାରା ହିଁ କାମ୍ୟ ଫଳଗୁଡିକୁ ହାସଲ କରିପାରିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସର୍ବୋଚ୍ଚ ପରିମାଣରେ ଶକ୍ତିଶାଳୀ ଜଣେ ବ୍ୟକ୍ତି ପ୍ରୟାସ ଦ୍ୱାରା କୌଣସି ଏକ ଲକ୍ଷ୍ୟପ୍ରାପ୍ତ କରିବାକୁ ନିଃସନ୍ଦେହ ଭାବରେ ଭଲବୋଲି କୁହାଯାଇ ପାରିବ, ସତ ମାତ୍ର ତାହା ଜନସମୂହକୁ କଦାପି ତା'ର ସାମୁହିକ ଶକ୍ତି ବିଷୟରେ ସଚେତନ କରାଇ ପାରିବ ନାହିଁ ।

ମୁଁ ଏକାକୀ ବାଟ ଚାଲିବାରେ ବିଶ୍ୱାସ କରେ । ଏହି ପୃଥିବୀରେ ମୁଁ ଏକାକୀ ଆସିଥିଲି, ମୃତ୍ୟୁଚ୍ଛାୟାର ଉପତ୍ୟକାରେ ମୁଁ ଏକାକୀ ବାଟ ଚାଲିଛି ଏବଂ ଯେତେବେଳେ ସମୟ ଆସିବ, ସେତେବେଳେ ମୁଁ ଏକାକୀ ଏହି ପୃଥିବୀ ଛାଡି ଚାଲିଯିବି । ଏକାନ୍ତଭାବରେ ଏକୁଟିଆ ହେଲେ ମଧ ସତ୍ୟାଗ୍ରହ ଆରମ୍ଭ କରିବାର ସାମର୍ଥ୍ୟ ଯେ ମୋ'ର ରହିଛି, ସେ କଥା ମୁଁ ଜାଣେ । ମୁଁ ଆଗରୁ ମଧ ଏଭଳି କରିଛି ।

ଏହି ଶକ୍ତିଟିର ପ୍ରୟୋଗ ବ୍ୟକ୍ତିମାନେ କରିପାରିବେ, ସମୂହମାନେ ମଧ କରିପାରିବେ । ରାଜନୀତିକ ତଥା ପାରିବାରିକ କ୍ଷେତ୍ରରେ ମଧ ଏହାର ପ୍ରୟୋଗ ହୋଇପାରିବ । ଏହାକୁ ଯେ ଯାବତୀୟ କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରିବ, ତାହା ହିଁ ଏହାର ସ୍ଥାୟିତ୍ୱ ତଥା ଅଜେୟତ୍ୱକୁ ପ୍ରମାଣ କରିଦେଉଛି । ଏହାକୁ ପୁରୁଷମାନେ, ସ୍ତ୍ରୀମାନେ ତଥା ପିଲାମାନେ ମଧ ସମାନ ଭାବରେ ପ୍ରୟୋଗ କରିପାରିବେ ।

ଏପରି କହିବା ଆଦୌ ସତ୍ୟ ନୁହେଁ ଯେ, ହିଂସାଦ୍ୱାରା ହିଂସାର ମୁକାବିଲା କରି ନ ପାରୁଥିବା ପର୍ଯ୍ୟନ୍ତ ହିଁ କେବଳ ଦୁର୍ବଳମାନେ ଏହି ଶକ୍ତିର ପ୍ରୟୋଗ କରି ପାରିବେ ।

ଅନ୍ଧାର ସମ୍ମୁଖରେ ଆଲୋକ ଯାହା, ହିଂସାର ସମ୍ମୁଖରେ ଓ ତେଣୁ ଯାବତୀୟ ଅତ୍ୟାଚାର ଓ ଯାବତୀୟ ଅନ୍ୟାୟ ସମ୍ମୁଖରେ ଏହି ଶକ୍ତି ପ୍ରକୃତରେ ତାହା । ସଚେତନଭାବରେ ହେଉ ଅଥବା ଅଚେତନଭାବରେ ହେଉ, ଯେ ପର୍ଯ୍ୟନ୍ତ ଲୋକମାନେ ଶାସିତ ହେବାଲାଗି ଆପଣାର ସମ୍ମତି ଦେଉଥିବେ, ସେତିକିଯାଏ ହିଁ ସେମାନଙ୍କୁ ଶାସନ କରିବା ଯେ ସମ୍ଭବ ହେବ, ରାଜନୀତିର କ୍ଷେତ୍ରରେ ସତ୍ୟାଗ୍ରହର ପ୍ରୟୋଗ ସେହି ଅପରିବର୍ତ୍ତନୀୟ ନୀତିଟି ଉପରେ ଆଧାରିତ ହୋଇ ରହିଥାଏ ।

କେବଳ ମୁଁ ହିଁ ହେଉଛି ଜଣେ ମାତ୍ର ପ୍ରକୃତ ସତ୍ୟାଗ୍ରହୀ ବୋଲି ମୁଁ କେବେହେଲେ ଦାବି କରି ନାହିଁ । ମୁଁ କେବଳ ସେହି ସିଦ୍ଧାନ୍ତଟିକୁ ପ୍ରାୟ ଏକ ସର୍ବବ୍ୟାପକ ସ୍ତରରେ ପ୍ରୟୋଗ କରିଛି ବୋଲି ଦାବି କରିଛି ଏବଂ ସର୍ବକାଳରେ ତଥା ସର୍ବଦେଶରେ ଏହାକୁ ହଜାର ହଜାର ମନୁଷ୍ୟ ଗ୍ରହଣ କରିବାର ସାମର୍ଥ୍ୟ ଯେ ଏଇଟି ମଧରେ ରହିଛି, ତାହାକୁ ପ୍ରମାଣ କରି ଦେଖାଇଦେବା ଏବେ ମଧ ବାକି ରହିଛି ।

# ଅଧ୍ୟାତ୍ମ କ୍ଷେତ୍ରରେ ସଫଳତାର ମାର୍ଗ

ଭୌତିକ କ୍ଷେତ୍ରର ସଫଳତା ବ୍ୟକ୍ତିର ଯୋଗ୍ୟତା, ପୁରୁଷାର୍ଥ ଏବଂ ସାଧନ-ସମ୍ବଳ ଉପରେ ନିର୍ଭର କରେ । ପରିସ୍ଥିତି ମଧ ଅନୁକୂଳ ଏବଂ ସହଯୋଗୀ ହୁଏ । କିନ୍ତୁ ବ୍ୟତିକ୍ରମ ସବୁ କ୍ଷେତ୍ରରେ ରହିଆସିଛି । ବିନା ଯୋଗ୍ୟତା, ବିନା ପୁରୁଷାର୍ଥ ତଥା ବିନା ସାଧନରେ ଯଦି ଅମାପ ଧନ ବର୍ଷା ହୋଇଯାଏ କିମ୍ବା ପୋତାଧନ ମିଳିଯାଏ, ତାହାହେଲେ ବୁଝିବାକୁ ହେବ ଏହା ଏକ ବ୍ୟତିକ୍ରମ । କୌଣସି ନିୟମ ଅବା ସିଦ୍ଧାନ୍ତ ନୁହେଁ । ଏଭଳି ବ୍ୟତିକ୍ରମକୁ ଯଦି କେହି ଆଶାକରି ବସେ, ତେବେ ଏହା ତା'ର ପାଗଳାମି ଛଡ଼ା କିଛି ହୋଇନପାରେ । ନିୟତି ବିଧାନର ଯଦି ଉଲ୍ଲଙ୍ଘନ କରିବା, ଉଚିତ ମୂଲ୍ୟ ଦେଇ ଉଚିତ ବସ୍ତୁ କ୍ରୟ କରିବାର ପରମ୍ପରାକୁ ଭୁଲିଯିବା, ରାଜପଥ ଛାଡ଼ି ପାଦଚଲା ବାଟରେ ଚାଲିବା, ତେବେ ମହାନ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଆଶା ମଧ ଦିବାସ୍ୱପ୍ନ ହୋଇ ରହିଯିବ । ଏ କ୍ଷେତ୍ରରେ ଏକଥା କୁହାଯିବ ଯେ ଦୀର୍ଘ ହେଉ ପଛେ, ରାଜମାର୍ଗରେ ଅଗ୍ରସର ହୋଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ହିଁ ବୁଦ୍ଧିମତ୍ତା ଓ ଯଥାର୍ଥବାଦିତାର ପରିଚାୟକ । କଳ୍ପନାଲୋକରେ ବିଚରଣ କରି କେହି କେବେ ବି ସଫଳତା ପାଇପାରେ ନାହିଁ ।

ଅଧ୍ୟାତ୍ମ କ୍ଷେତ୍ର ସୂକ୍ଷ୍ମ, ଅଦୃଶ୍ୟ, ଅବିଜ୍ଞାତଭଳି ପ୍ରତୀତ ହୁଏ, କିନ୍ତୁ ସେଭଳି କିଛି ନୁହେଁ । ବସ୍ତୁତଃ ଏହା ନିଜ ସ୍ଥାନରେ ଭୌତିକ ଜଗତଭଳି ସୁସ୍ଥିର ତଥା ସୁବ୍ୟବସ୍ଥିତ । ଦୃଷ୍ଟିଗୋଚର ନହେଲେ ବି ଏହାର ତତ୍ତ୍ୱ ବା ସତ୍ତା ସନ୍ଦେହର ଉର୍ଦ୍ଧ୍ୱରେ- ଯେପରିକି ଶରୀର ଦେଖାଯାଏ, କିନ୍ତୁ ପ୍ରାଣ ଦୃଷ୍ଟିଗୋଚର ହୁଏ ନାହିଁ । ପ୍ରାଣର ନା ଓଜନ ଅଛି, ନା ମାପ ; ନା ଇନ୍ଦ୍ରିୟଶକ୍ତିଦ୍ୱାରା ଜାଣିହୁଏ, ନା କୌଣସି ଯନ୍ତ୍ର-ଉପକରଣଦ୍ୱାରା । ତଥାପି ତା'ର ସ୍ଥିତି, ସତ୍ତ୍ୱ ବା ତା'ର ସତ୍ତାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ବିଚାର, ଇଚ୍ଛାଶକ୍ତି ଓ ସାହସ ଆଦି ଅଦୃଶ୍ୟ ତତ୍ତ୍ୱର ବିଷୟ-ବୈଶିଷ୍ଟ୍ୟକୁ ତଥା ପରିଣାମକୁ ଅସ୍ୱୀକାର କରାଯାଇ ପାରେନା । ଏହା ଅଦୃଶ୍ୟ ଜଗତର ପ୍ରତିଷ୍ଠିତ ପ୍ରମାଣସହ ବିଦ୍ୟମାନ । ଏହି ଅଧ୍ୟାତ୍ମ କ୍ଷେତ୍ର ଅବ୍ୟବସ୍ଥିତ ନୁହେଁ । ଅଣୁ ଓ ତରଙ୍ଗଦ୍ୱାରା ବିନିର୍ମିତ ପଦାର୍ଥ –ଜଗତଭଳି ଏହାର ମଧ ସୁନିଶ୍ଚିତ ଏବଂ ବ୍ୟାପକ ଅସ୍ତିତ୍ୱ ରହିଛି ; ଅସ୍ମିତା, ଗତିବିଧି ଓ କ୍ରିୟା-ପ୍ରତିକ୍ରିୟା ରହିଛି, ସୁନିଶ୍ଚିତ ନିୟମ, ବିଧାନ ଓ ଅନୁଶାସନ ରହିଛି । ଅଧ୍ୟାତ୍ମ କ୍ଷେତ୍ରରେ କୌଣସି ଦୃଷ୍ଟିରୁ କୌଣସି ବ୍ୟତିକ୍ରମ ନାହିଁ । ସ୍ରଷ୍ଟାଙ୍କ ଏହି ସମଗ୍ର କୃତିରେ କୌଣସିଠାରେ କୌଣସି ଅବ୍ୟବସ୍ଥା ନାହିଁ । ଏପରିକି ଭୂମିକମ୍ପ, ତୋଫାନଭଳି ଅପ୍ରତ୍ୟାଶିତଭାବେ କେବେ କେବେ ଘଟିତ ହେଉଥିବା ଘଟଣା ମଧ ପ୍ରକୃତିର ସୁନିଶ୍ଚିତ ନିୟମର ଅନ୍ତର୍ଗତ ।

ଅଧ୍ୟାତ୍ମ କ୍ଷେତ୍ରର ତତ୍ତ୍ୱଜ୍ଞାନ, ବିଧାନ, ସ୍ୱରୂପ ଏବଂ ପ୍ରତିଫଳ ସବୁକିଛି ସୁନିଶ୍ଚିତ ତଥା ଅନୁଶାସିତ । ଅବଶ୍ୟ ଅନ୍ଧବିଶ୍ୱାସ ଓ ମୂଢ଼ମାନ୍ୟତା କଥା ଅଲଗା । ଯନ୍ତ୍ର, ତନ୍ତ୍ର, ପୂଜା-ଉପଚାର, ଆରତି-ପ୍ରଣତି, ପ୍ରଶଂସା, ଗୁଣଗାନ, କୀର୍ତ୍ତନ, ଉପହାରଦ୍ୱାରା ଭଗବାନଙ୍କୁ ସନ୍ତୁଷ୍ଟ କରିବା ଅବା ଅନୁଦାନ ପାଇବାର ନିରାଧାର କଳ୍ପନା ଅବିବେକୀପଣ ହିଁ ହୋଇପାରେ । ଦେବ – ଅନୁକମ୍ପାଭଳି ଅତି ମୂଲ୍ୟବାନକୁ ତାହାର ଉପଯୁକ୍ତ ମୂଲ୍ୟ ଦେଇ ହିଁ ପ୍ରାପ୍ତ କରାଯାଇପାରିବ । ଯଦି ଭୌତିକ ଜଗତରେ ହିଁ ଶସ୍ତାରେ ମୂଲ୍ୟବାନ ବସ୍ତୁ ବା ପଦାର୍ଥ ମିଳେ ନାହିଁ, ତେବେ ଅଧ୍ୟାତ୍ମ କ୍ଷେତ୍ରର ଅମୂଲ୍ୟ ଅବଦାନକୁ ସାମାନ୍ୟ ବସ୍ତୁ ବା କ୍ରିୟାରେ ପ୍ରାପ୍ତ କରିପାରିବା କିପରି ସମ୍ଭବ ହେବ ? ଏସବୁପାଇଁ ଉପଯୁକ୍ତ ମୂଲ୍ୟ ଦେବାକୁ ହେବ । ଏହି ମୂଲ୍ୟ ହେଉଛି– ସମର୍ପଣ, ବିସର୍ଜନ ଓ ବିଲୟ । ଅର୍ଥାତ୍ ବ୍ରହ୍ମାଣ୍ଡୀୟ ଚେତନାରେ ବ୍ୟକ୍ତି ଚେତନାର ସମର୍ପଣ, ବିସର୍ଜନ ଓ ବିଲୟ । ନିଜକୁ ସମ୍ପୂର୍ଣ୍ଣ ରୂପରେ ସମର୍ପିତ କରି ପ୍ରଭୁ-ପରାୟଣ ଜୀବନ ଜୀଇଁବାରେ ହିଁ ଅଧ୍ୟାତ୍ମର ସାର ନିହିତ ।

ଅଧ୍ୟାତ୍ମ କ୍ଷେତ୍ରରେ କିଛି ହାସଲ କରିବାକୁ ହେଲେ ଉପାସନା, ସାଧନା ଓ ଆରାଧନାର ଆଶ୍ରୟ ନେବାକୁ ହୁଏ । ଉପାସନା –ସାଧନାରେ ଆତ୍ମସମର୍ପଣ, ଆତ୍ମସମୀକ୍ଷା, ଆତ୍ମପରିଷ୍କାର, ଆତ୍ମବିକାଶ, ଆତ୍ମବିସ୍ତାରର ଆଭ୍ୟନ୍ତରୀଣ ପୁରୁଷାର୍ଥ କରିବାକୁ ହୁଏ । ଆରାଧନାରେ ବ୍ୟକ୍ତିତ୍ୱ ବିକାଶ, ପରିଷ୍କାର କରି ଜଗତରୂପୀ ଜଗବନ୍ଧୁଙ୍କର ସେବା କରିବାକୁ ହୁଏ । ଏହା ହିଁ ଅଧ୍ୟାତ୍ମ ତତ୍ତ୍ୱଦର୍ଶନର ସାର ସିଦ୍ଧାନ୍ତ ।

## ସେଓର ଉପକାରିତା

ସେଓରେ ଭରପୁର ମାତ୍ରାରେ ପୋଷକ ତତ୍ତ୍ୱ ରହିଥାଏ । ଏହାର ସ୍ୱାଦ ମିଠା ହୋଇଥିବାରୁ ଅଧିକାଂଶ ଲୋକ ଏହା ଖାଇବାକୁ ପସନ୍ଦ କରିଥାନ୍ତି । ସାଧାରଣତଃ ଲୋକେ ସବୁଜ ସେଓ ପରିବର୍ତ୍ତେ ଲାଲ ସେଓ ଖାଇବାକୁ ଅଧିକ ପସନ୍ଦ କରନ୍ତି । ବିଶେଷଜ୍ଞଙ୍କ ମତରେ ଲାଲ ସେଓ ପରିବର୍ତ୍ତେ ସବୁଜ ସେଓ ଶରୀର ପାଇଁ ଅଧିକ ଲାଭଦାୟକ । କାରଣ ଏଥିରେ ଭରପୁର ମାତ୍ରାରେ ଆଇରନ୍, ପୋଟାସିୟମ, କ୍ୟାଲସିୟମ ଏବଂ ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି ।

ଲାଲ ସେଓ ଅପେକ୍ଷା ସବୁଜ ସେଓରେ ଅଧିକ ମାତ୍ରାରେ ଫାଇବର ଓ କମ୍ ମାତ୍ରାରେ ଶର୍କରା ରହିଥିବାରୁ ଏହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ।

ଏକ ଗବେଷଣାରୁ ଜଣାପଡିଛି ସବୁଜ ସେଓରେ ଫ୍ଲାବୋନଏଡ୍ସ ରହିଛି । ଯାହା ଶ୍ୱାସରୋଗୀ ପାଇଁ ଭଲ । ସବୁଜ ସେଓ ନିୟମିତ ସେବନ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ୍ ଥାଏ ।

ସବୁଜ ସେଓ ଏଭଳି ପୋଷକ ତତ୍ତ୍ୱ ରହିଥାଏ, ଯାହା କୋଲେଷ୍ଟେରୋଲ ସ୍ତରକୁ କମ୍ କରେ । ଏଥିରେ ଥିବା ଫ୍ଲାବୋନଏଡ୍ସ ହୃଦଘାତ ଜନିତ ରୋଗକୁ କମ୍ କରୁଥିବାର ବିଶେଷଜ୍ଞଙ୍କ ମତ ।

ସବୁଜ ସେଓରେ ଆଣ୍ଟି ଅକ୍ସିଡାଣ୍ଟ ଭରପୁର ମାତ୍ରାରେ ରହିଥାଏ । ଏହାକୁ ନିୟମିତ ସେବନ କରିବା ଦ୍ୱାରା ଚେହେରାରେ ଚମକ ଆସେ ।



ବୈଜ୍ଞାନିକ ମତ ଅନୁଯାୟୀ ନିୟମିତ ଭାବରେ ସବୁଜ ସେଓ ଖାଇବା ଦ୍ୱାରା ରକ୍ତ ବିଶୁଦ୍ଧ ହେବା ସହ ଷ୍ଟ୍ରୋକ୍ ହେବାର ଆଶଙ୍କା କମ୍ ଥାଏ ।

ସବୁଜ ସେଓର ଭିଟାମିନ ଏ, କ୍ୟାଲସିୟମ, ଫାଇବର ଓ ଅନେକ ପୋଷକ ତତ୍ତ୍ୱ ରହିଛି । ଏହାକୁ ନିୟମିତ ସେବନ କରିବା ଦ୍ୱାରା ହାଡ଼ ଜନିତ ସମସ୍ୟା ଏବଂ ଅଷ୍ଟିଓପୋରୋସିସ୍ ଭଳି ରୋଗ ହେବାର ଆଶଙ୍କା କମ୍ ଥାଏ ।

ନିୟମିତ ସବୁଜ ସେଓ ଖାଇବା ଦ୍ୱାରା ଆଖିଜ୍ୟୋତି ବୃଦ୍ଧି ହୋଇଥାଏ ଏବଂ ମାନସିକ ଚିନ୍ତା ମଧ କମ୍ ହେଉଥିବାର ପ୍ରକାଶ । ଏହାକୁ ନିୟମିତ ସେବନ ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ । ଏହା ସହ ରୋଗ ପ୍ରତିରୋଧକ ପ୍ରକ୍ରିୟା ସଠିକ୍ ରହିଥାଏ ।

## ଭିଟାମିନ୍- ଡି'ର ଅଭାବ ହେଲେ

ଆମ ଶରୀର ପାଇଁ ଭିଟାମିନ୍‌ର କେତେ ଆବଶ୍ୟକତା ରହିଛି ତାହା କହିବା ବାହୁଲ୍ୟ ମାତ୍ର । ବିଭିନ୍ନ ପ୍ରକାର ଖାଦ୍ୟରେ ଏଗୁଡ଼ିକ ଭରି ରହିଛି । ବିଶେଷଭାବରେ ଆମେ ନିୟମିତ ଖାଉଥିବା ଭାତ, ରୁଟି, ଡାଲି, ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ତଟକା ଫଳମୂଳ ହେଉଛି ଭିଟାମିନ୍‌ର ପ୍ରମୁଖ ଉତ୍ସ୍ ଶରୀର ପାଇଁ ଭିଟାମିନ୍ 'ଡି'ର




ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଏହାର ଅଭାବ ହୃତ୍ପିଣ୍ଡର କାର୍ଯ୍ୟଧାରାକୁ ପ୍ରଭାବିତ କରିବା ଆଶଙ୍କା ରହିଛି ବୋଲି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି ଯେ, ଭିଟାମିନ୍ 'ଡି'ର ଅଭାବ ସ୍ନାୟୁ ଉପରେ ମଧ ପଡ଼ିଥାଏ । ସ୍ନାୟୁ ଦୁର୍ବଳ ହେଲେ ତାହାର ପ୍ରଭାବ ହୃତ୍ପିଣ୍ଡର କାର୍ଯ୍ୟଧାରା ଉପରେ ପଡ଼ିଥାଏ । କମଳା, କେଶର, କଦଳୀ, ଆଳମଣ୍ଡ, ଛତୁ, ଅଣ୍ଡା କ୍ଷୀର, ଜୁସ୍ ଆଦିରେ ଭିଟାମିନ୍ 'ଡି' ପ୍ରଚୁର ପରିମାଣରେ ରହିଛି ।

## ସ୍ମରଣ ଶକ୍ତି ବୃଦ୍ଧି କରେ ମହୁ

ମହୁରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ସକାଳେ ଖାଲି ପେଟରେ ଉଷୁମ ପାଣି ସହ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇଲେ ତାହା ଓଜନ କମାଇବାରେ ଅନେକାଂଶରେ ସହାୟକ ହୋଇଥାଏ । ସବୁଠାରୁ ଖାସ୍ କଥା ହେଲା ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ସାଧାରଣତଃ ଥଣ୍ଡା, କାଶ ପାଇଁ ଏହା ବେଶ୍ ଉପକାରୀ । ବିଶେଷଭାବରେ ଏହା ରକ୍ତରେ ଶର୍କରା ଅଂଶକୁ ସନ୍ତୁଳିତ ରଖିବାରେ ମଧ ସାହାଯ୍ୟ କରିଥାଏ । ରକ୍ତହୀନତା ସମସ୍ୟା ସହ ଜଡ଼ିତ ରୋଗୀମାନଙ୍କ ପାଇଁ



ମହୁ ବେଶ୍ ହିତକର । ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ । ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି । ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ରକ୍ତ ସଞ୍ଚାଳନକୁ ସକ୍ରିୟ କରିବାରେ ସାହାଯ୍ୟ କରିଥାଏ । ରକ୍ତଚାପ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ପ୍ରସିଦ୍ଧ ପୁସ୍ତକ 'ଉଇ ଦ ପିପୁଲ'ର ଲେଖକ ହେଉଛନ୍ତି ନନି ପାଲଖିୱାଲା ।
- ଫରାସୀପ୍ରସିଦ୍ଧ ଔପନ୍ୟାସିକା ଏମିଲି ଜୋଲାଙ୍କ ପୁରାନାମ ଏମିଲି ଏଡ୍ୱାର୍ଡ ଆଣ୍ଟୋନି ଜୋଲା ।
- ଇଂରେଜ ଔପନ୍ୟାସିକ ତଥା କବି ଥୋମାସ୍ ହାର୍ଡିଙ୍କ ଜନ୍ମ ଜୁନ୍ ୨ ତାରିଖ ୧୮୪୦ ମସିହାରେ ଇଂଲଣ୍ଡର ଷ୍ଟାନ୍ସଫୋର୍ଡ ଠାରେ ହୋଇଥିଲା ।
- ଏରିକ୍‌ଆର୍ଥରବ୍ଲେୟାରଙ୍କ ପେନ୍ ନେମ୍ (କଲମ୍ ନାମ) ଜର୍ଜ ଓରୱେଲ ।
- ସ୍କଟିସ୍ ଔପନ୍ୟାସିକ ସାର ୱାଲଟର ସ୍କଟଙ୍କ ଜନ୍ମ ଅଗଷ୍ଟ ୧୫, ୧୭୭୧ ମସିହାରେ ଏଡିନବର୍ଗ ଠାରେ ହୋଇଥିଲା ।
- ମୁନ୍‌ସି ପ୍ରେମଚାନ୍ଦ ଭାବେ ଜଣାଶୁଣା ଭାରତୀୟ ଔପନ୍ୟାସିକ ପ୍ରେମଚନ୍ଦଙ୍କ ପ୍ରକୃତ ନାମ ଧନପତ ରାୟ ।
- ଫରବିଡ୍ଡେନ୍ ଭର୍ସେସ୍‌ର ଲେଖକ ଆରବୀୟ କବି ଅବୁ ନୁୱାସ୍ ଅଲ୍ ହସନ ଇବନ୍ ହନି ଏଲ୍ ହକ୍ମାନି ।
- ପ୍ରସିଦ୍ଧ ବାଂଲାଦେଶୀ ଲେଖିକା ତସଲିମା ନାସାରିନ୍ ପେଶାରେ ଜଣେ ଡାକ୍ତର ।
- ସୌର ମଣ୍ଡଳର ସୂର୍ଯ୍ୟଙ୍କ ଶକ୍ତିକୁ ମହାକର୍ଷଣ ଶକ୍ତି କୁହନ୍ତି ।
- ଉପଗ୍ରହ ଚନ୍ଦ୍ର ନିଜର ଆଲୋକ ନାହିଁ ସେ ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ।
- ସୂର୍ଯ୍ୟ ଓ ଚନ୍ଦ୍ର ମଧରେ ପୃଥିବୀ ରହିଲେ ସୂର୍ଯ୍ୟପରାଗ ହୁଏ ।

## ଇମ୍ୟୁନିଟି ବୁଷ୍ଟ କରେ କମଳା

କମଳାରେ ଭିଟାମିନ -ସି ଉତ୍ତମ ମାତ୍ରାରେ ରହିଛି, ଯାହାକି ଇମ୍ୟୁନିଟିକୁ ମଜଭୁତ କରିବାରେ ସାହାଯ୍ୟ କରିଥାଏ । ତେଣୁ ଦିନକୁ ଗୋଟିଏ କମଳା ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ । ଏଥିଯୋଗୁଁ ସଂକ୍ରମଣ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ । ତେଣୁ ପ୍ରତିଦିନ ଗୋଟିଏ କମଳା ଖାଆନ୍ତୁ ନଚେତ ଏହାର ଜୁସ୍ ପିଅନ୍ତୁ ।



ସ୍କିନ ଲାଗି ଲାଭଦାୟକ: ସ୍କିନ୍ ଲାଗି କମଳା ସୁପରଫ୍ରୁଟ ପରି କାମ କରେ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍‌ସି' ସ୍କିନ୍ ହେଲଦୀ ଓ ଗ୍ଲୋ କରିବାରେ ସହାୟକ ହୋଇଥାଏ ।

ହୃଦୟ ସୁସ୍ଥ ରଖେ: କମଳାରେ ଏଭଳି ଭିଟାମିନ ରହିଛି, ଯାହାକି ହୃଦୟ ପାଇଁ ବିଶେଷ ଉପଯୋଗୀ । ଏଥିରେ ଫାଇଭର, ପୋଟାସିୟମ ଓ ଆଣ୍ଟି ଅକ୍ସିଡାଣ୍ଟ ଭଳି ଗୁଣ ରହିଛି, ଯାହାକି ହୃଦୟକୁ ସୁସ୍ଥ ରଖିଥାଏ । ଏହା ରକ୍ତଚାପକୁ ନିୟନ୍ତ୍ରଣ ରଖିବାରେ ସହାୟକ ହୁଏ । ଯେଉଁ କାରଣରୁ ହୃଦୟ ରୋଗ ହେବାର ଆଶଙ୍କାକୁ ବହୁଳ ମାତ୍ରାରେ କମ୍ କରିଥାଏ ।

ପାଚନରେ ସୁଧାର: କମଳା ପାଚନ ତନ୍ତ୍ରକୁ ଉତ୍ତମ ରଖିଥାଏ । ଏଥିରେ ଫାଇବରର ଉତ୍ତମ ସ୍ରୋତ ରହିଛି । ନିୟମିତ ଭାବେ କମଳା ଖାଇବା ଦ୍ୱାରା ଖାଦ୍ୟ ହଜମ କରିବାରେ ସହାୟକ ହେବା ସହିତ ଏଥିରେ ଥିବା ଫାଇଭର ଶରୀରକୁ ହାଲକା କରିଥାଏ ।

ଓଜନ ହ୍ରାସ କରେ: କମଳା କ୍ୟାଲୋରି ଓ ଫାଇଭର ଯୁକ୍ତ ଫଳ । ଯାହାକି ଓଜନ ହ୍ରାସ କରିବାରେ ସହଯୋଗ କରିଥାଏ । ଏହା ଏକ ଆତ୍ମତୃପ୍ତି ଦେଉଥିବା ଫଳ୍ ଗୋଟିଏ ଗ୍ଲାସ୍ ଜୁସ୍ ପିଇଦେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗେ ନାହିଁ । ତେଣୁ ଓଜନ ହ୍ରାସ ଘଟିଥାଏ ।

ହାଡ ମଜଭୁତ କରେ: ଏଥିରେ ଥିବା କ୍ୟାଲସିୟମ୍ ଓ ଭିଡିଟାମିନ୍ ଡି' ହାଡ ଓ ଦାନ୍ତକୁ ମଜଭୁତ କରିଥାଏ । ବିଶେଷ କରି ପିଲା ଓ ବୟସ୍କଙ୍କ ଲାଗି ବିଶେଷ ଫଳପ୍ରଦ ।

## ଡିପ୍ରେସନ୍ ଦୁର କରେ ସନ୍ତୁଳିତ ଖାଦ୍ୟ

ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ସନ୍ତୁଳିତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ତ୍ତମାନର ଧାଁଦପଡ ଜୀବନରେ ଅନେକେ ଡିପ୍ରେସନ୍‌ର ଶିକାର ହେଉଛନ୍ତି । ଯଦି ଆପଣ ଏଭଳି ସମସ୍ୟା ସହ ଜଡ଼ିତ୍, ତେବେ ଏଥିରୁ ମୁକୁଳିବାର ସହଜ ତଥା ସରଳ ଉପାୟ ଆପଣଙ୍କ ହାତ ପାଆନ୍ତାରେ ରହିଛି । ତାହା କ'ଣ ଜାଣନ୍ତି ? ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସନ୍ତୁଳିତ ଖାଦ୍ୟ ସାମିଲ କରନ୍ତୁ । ଏଭଳି ଖାଦ୍ୟ ଖାଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହିଥାଏ ଏବଂ ସେ ନିଜକୁ ଡିପ୍ରେସନରୁ କେତେକାଂଶରେ ଦୂରେଇ ନେବାରେ ସକ୍ଷମ ହୋଇଥାଆନ୍ତି । ଉପରୋକ୍ତ ତଥ୍ୟ ନିକଟରେ ଟୋକିଓ



ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି । ଏହି ସମୟରେ ସେମାନେ ଡିପ୍ରେସନ ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦେଇଥିଲେ । ପରିଶେଷରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ନିଜକୁ ଡିପ୍ରେସନଠାରୁ କେତେକାଂଶରେ ମୁକ୍ତ କରିବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## କହିପାରିବେ କି ?

(୧) ଲୋକସଂଖ୍ୟା ଦୃଷ୍ଟିରୁ ଭାରତର ସର୍ବବୃହତ୍ ସହର କାହାକୁ କୁହାଯାଏ ?
(୨) ଆମ ଦେଶର ଜାତୀୟ ସଙ୍ଗୀତର ନାଁ କ'ଣ ?
(୩) ନୂଆ ଦିଲ୍ଲୀରେ ଭାରତୀୟ ପାର୍ଲାମେଣ୍ଟକୁ କିଏ ଡିଜାଇନ୍ କରିଥିଲେ ?
(୪) ରାଜା ପଞ୍ଚମ ଜର୍ଜ ଏବଂ ରାଣୀ ମ୍ୟାରିଙ୍କର ବମ୍ବେକୁ ଆସିଥିବା ସ୍ମୃତି ସ୍ୱରୂପ କେଉଁ ସ୍ମାରକୀକୁ ତିଆରି କରାଯାଇଛି ?
(୫) ଭାରତରେ କେବେ ହିନ୍ଦୀ ଦିବସ ପାଳନ କରାଯାଏ ?
(୬) ଆମ ଦେଶର କେଉଁ ରାଜ୍ୟରେ ସାକ୍ଷରତା ହାର ଅଧିକ ?
(୭) ରାଜସ୍ଥାନର ପୋଖରାନରେ ୧୯୭୪ ମେ ୧୮ ତାରିଖରେ ଭାରତ ପ୍ରଥମ ନ୍ୟୁକ୍ଲିଅର ଅସ୍ତ୍ର ପରୀକ୍ଷା କରିଥିଲା ତାର କୋଡ୍ ନାଁ କ'ଣ ରହିଥିଲା ?
(୮) ଭାରତର ମସଲା ବଗିଚା କାହାକୁ କହନ୍ତି ?
(୯) ଗୋଆ କେଉଁ ନଦୀ କୁଳରେ ଅବସ୍ଥିତ ?
(୧୦) ଦେଶର କେଉଁ ରାଜ୍ୟରେ ସର୍ବାଧିକ ସୋୟାବିନ୍ ଉତ୍ପାଦନ ହୋଇଥାଏ ?

### JUMBLE WORDS

| | | | |
|---|---|---|---|
| 1) DURETG | = | 6) SOFINU | = |
| 2) ODIMUP | = | 7) USIES | = |
| 3) ICNGI | = | 8) AEATB | = |
| 4) LYHYS | = | 9) ORHUGC | = |
| 5) DGREEN | = | 10) REBLAR | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, “ସ୍ୱୀକାର”, ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ୨୨ ମଇ, ୨. ବ୍ରାଜିଲ, ୩. ଡୋବ୍‌ସନ୍ ୟୁନିଟ୍, ୪. ତେହୁଆକନ୍ ଉପତ୍ୟକା, ୫. ଓଜୋନ୍ ସ୍ତର, ୬. ଦ୍ୱିତୀୟ, ୭.୧୨ ଜୁଲାଇ ୧୯୮୨, ୮. କଟକ, ୯. ଭର୍ଜିଜ୍ କୁରିଅନ୍, ୧୦.କୁଷିକ୍ଷେତ୍ର ।

***Jumble Words*** ର ଉତ୍ତର :-

(1) DITCH (2) PLANK (3) EXPIRE (4) CLINIC (5) ZESTY
(6) TIGER (7) GAZEBO (8) INJURY (9) TREND (10) GRIPE

# ଜିଏମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ




ସମ୍ବଲପୁର: ତ୍ରୁଟିପୂର୍ଣ୍ଣ ଶିକ୍ଷା ନୀତିକୁ ସୁଧାରିବା ଦିଗରେ ଜାତୀୟ ଶିକ୍ଷା ନୀତି-୨୦୨୦ ତାର କାର୍ଯ୍ୟ ଆରମ୍ଭ କରି ଦେଇଛି । ନୂତନ ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଭାରତ ଶିକ୍ଷାର ଶକ୍ତିକୁ ବୁଝିବା ଆରମ୍ଭ କରିଛି । ଇଂରାଜୀ ଓ ଆଞ୍ଚଳିକ ଭାଷା ଜରିଆରେ ଏହା କରାଯାଇ ପାରୁଛି । ପୂର୍ବରୁ ଥିବା ଶିକ୍ଷା ମଡେଲ ଡିଗ୍ରି କେନ୍ଦ୍ରୀଭୂତ ଥିଲା । ବର୍ତ୍ତମାନ କିନ୍ତୁ ନୀତି ଦକ୍ଷତାକୁ ଗୁରୁତ୍ୱ ଦିଆଯାଉଛି । କେବଳ ନିର୍ଦ୍ଦିଷ୍ଟ ଗୋଟିଏ ସ୍ତରରେ ନୁହେଁ ପ୍ରାଥମିକ, ମାଧମିକ ଓ ହାଇସ୍କୁଲରେ ମଧ ଏହି ପରିବର୍ତ୍ତନ ହେବ । ସମଗ୍ର ଦେଶରେ ଶିକ୍ଷାର ପ୍ରତ୍ୟେକ ସ୍ତରରେ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇ ଉତ୍ସର୍ଗୀକୃତ ଶିକ୍ଷକଙ୍କ ପିରାମିଡ୍ ତିଆରି କରାଯାଇ ପାରିଲେ ହିଁ ଜାତୀୟ ଶିକ୍ଷାନୀତି-୨୦ ପ୍ରକୃତ ଅର୍ଥରେ ତାର ଲକ୍ଷ୍ୟ ପଥରେ ପହଞ୍ଚି ପାରିବ । ଏଥିପାଇଁ ସମସ୍ତେ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବାସୁଠିକ୍କର ଜେ.ରାଓ କହିଛନ୍ତି ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଚତୁର୍ଥ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର



ରାଓ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ବର୍ତ୍ତମାନଠାରୁ ହିଁ ସେମାନଙ୍କ ତ ଜୀବନର ପ୍ରକୃତ ଯାତ୍ରା ଆରମ୍ଭ ହୋଇଛି । ସେମାନଙ୍କୁ ମିଳିଥିବା ଶିକ୍ଷାର ଶକ୍ତି ବଳରେ ହିଁ ଆଗାମୀ ଦିନର ସମସ୍ତ ପ୍ରକାର ଚାଲେଞ୍ଜର ସମ୍ମୁଖୀନ ହେବେ । ସେମାନଙ୍କୁ ସଶକ୍ତ କରିବା ପାଇଁ ପ୍ରତ୍ୟେକ ବିଦ୍ୟାର୍ଥୀ ଜିଏମ୍ ବିଶ୍ୱବିଦ୍ୟାଳୟକୁ ସାଲ୍ୟୁଟ୍ କରିବା ଉଚିତ ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ଅଧକ୍ଷତା କରି କୁଳପତି ପ୍ରଫେସର ଏନ.ନାଗାରାଜୁ କହିଥିଲେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଜିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରାଯାଇଛି । ଯେଉଁଥିରେ ଭାରତୀୟ ଭାଷା, ଭାରତୀୟ ଜନ ପରମ୍ପରା ଏବଂ ଭାରତୀୟ ଜ୍ଞାନକୁ ଗୁରୁତ୍ୱ ଦିଆଯାଇଛି । ରାଜ୍ୟର ଏକମାତ୍ର କେନ୍ଦ୍ର ଭାବେ ବିଶ୍ୱବିଦ୍ୟାଳୟରେ ବୃଦ୍ଧବୃଦ୍ଧାଙ୍କ ସାମାଜିକ, ଅର୍ଥନୈତିକ ଓ ମାନସିକ ଅବସ୍ଥା ବିଷୟରେ ଗବେଷଣା କରିବାକୁ 'ଜେରିଆଟ୍ରିକ ଆଣ୍ଡ ଜେରେଣ୍ଟୋଲୋଜି ସେଣ୍ଟର କାର୍ଯ୍ୟ କରୁଛି । ଜିଏମ୍‌ର ଦ୍ୱିତୀୟ କ୍ୟାମ୍ପସ ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି ସୂଚନା ଦେଇଥିଲେ । ଏହି ଅବସରରେ ୨୦୨୩ ଏବଂ ୨୦୨୪ ପାଇଁ ୩୩ ଜଣଙ୍କୁ ସ୍ମାରକୀ ପୁରସ୍କାର, ୩୪ ଜଣଙ୍କୁ ପିଏଚ୍‌ଡି ଡିଗ୍ରି, ୬୯ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ ପଦକ, ୭୩ ଜଣଙ୍କୁ ବିଭାଗ ଟପ୍ପର୍ ପଦକ ଦିଆଯାଇଥିଲା । କାର୍ଯ୍ୟକ୍ରମରେ କୁଳସଚିବ ସନତ୍ ନାଏକ, ପିଜି କାଉନ୍‌ସିଲ୍ ଅଧକ୍ଷ ଜ୍ଞାନରଞ୍ଜନ ସ୍ୱାଇଁ, ସିଣ୍ଡିକେଟ୍ ସଦସ୍ୟ ଶଙ୍କର ପ୍ରସାଦ ପତି, କାଳିଦାସ - ମିଶ୍ର, ରାଜଲକ୍ଷ୍ମୀ ମିଶ୍ର, ସବିତା ତ୍ରିପାଠୀ, ଅଞ୍ଜଳି ତ୍ରିପାଠୀ, ପାର୍ଥସାରଥୀ ମଲ୍ଲିକ, ଜଗନ୍ନାଥ ରାଉତ, ଜଗନ୍ନାଥ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ଉପକୁଳସଚିବ ଡକ୍ଟର ଉମାଚରଣ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ୮୪ ତମ ଜୟନ୍ତୀ ପାଳିତ





ସମ୍ବଲପୁର : ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ସାଂସଦ ତଥା ମନ୍ତ୍ରୀ ୰ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ୮୪ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଶ୍ରୀବଲ୍ଲଭ ଏବଂ ସୁନନ୍ଦା ପାଣିଗ୍ରାହୀ ଫାଉଣ୍ଡେସନର ଅଧକ୍ଷା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅଧକ୍ଷତା ତଥା ଡକ୍ଟର ଗୌରିଦାସ ପଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଓ ପ୍ରକାଶଚନ୍ଦ୍ର ଦେବତା, ତାଳଚେର ବିଧାୟକ ବ୍ରଜ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କୁ ଜଣେ ନୀତିନିଷ୍ଠ ଓ ଲୋକଙ୍କର ନେତା ଥିଲେ ବୋଲି ବର୍ଣ୍ଣନା କରିଥିଲେ । ସାମ୍ବାଦିକ ସୁଭାଷଚନ୍ଦ୍ର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା, ପ୍ରିୟଦର୍ଶୀ ପାଣିଗ୍ରାହୀ ଶ୍ରୀବଲ୍ଲଭ ଏବଂ ସୁନନ୍ଦା ଫାଉଣ୍ଡେସନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଏବଂ ଶେଷରେ ରାଜର୍ଷି ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

# ଏମ୍‌ସିଏଲ୍‌ରେ 'ଭାଗ୍ୟର ପ୍ରସ୍ତୁତି କରଣ ଏବଂ ଜୀବନର ଲକ୍ଷ୍ୟ' କାର୍ଯ୍ୟକ୍ରମ





ବୁର୍ଲା : ଏମ୍‌ସିଏଲ୍‌ରେ 'ଭାଗ୍ୟର ପ୍ରସ୍ତୁତି କରଣ ଏବଂ ଜୀବନର ଲକ୍ଷ୍ୟ' ସମ୍ପର୍କରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ପ୍ରେରଣାଦାୟୀ ବକ୍ତା ମୁମ୍ବାଇର ବ୍ରହ୍ମକୁମାର ଡକ୍ଟର ଇ.ଭି. ସ୍ୱାମିନାଥନ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ସି.ଏମ୍.ଡି ଉଦୟ ଅନନ୍ତ କାଓଲେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବ କୁମାର ପଟେଲ, ବୈଷୟିକ ନିର୍ଦ୍ଦେଶକ ଜେ.କେ. ବୋରା ଓ ଏ.କେ. ବାପତ୍, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ପ୍ରମୁଖ ଯୋଗ ଦେଇଥିଲେ ।

# ଏମ୍‌ସିଏଲ୍ ପକ୍ଷରୁ ସାଇବର ସୁରକ୍ଷା ସଚେତନତା







ବୁର୍ଲା : ଏମ୍.ସି.ଏଲ୍ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ସମ୍ପର୍କରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଏମ୍.ସି.ଏଲ୍ ସିଏମଡି ଉଦୟ ଅନନ୍ତ କାଓଲେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାଇବର ଜାଗରୁକତା ସଚେତନତା ସପ୍ତାହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦେଇଥିଲେ । ଇଣ୍ଡିଆନ୍ ସର୍ଭସ୍‌ର ସିଇଓ ଶ୍ରୀ ସାଇ ସତିଶ ମଧ ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକାଶିତ ଏକ ସ୍ମରଣିକା ମଧ ଉନ୍ମୋଚିତ ହୋଇଥିଲା ।

# ଦେବଦତ୍ତ ଦାଶଙ୍କ ପରଲୋକ

ସମ୍ବଲପୁର: ସହରର ଜଣାଶୁଣା ସାମାଜିକ କର୍ମୀ ଦେବଦତ୍ତ ଦାଶ (୭୨) ଙ୍କ ତାଙ୍କର ପଟ୍ଟନାୟକପଡା ସ୍ଥିତ



ବାସଭବନରେ ପରଲୋକ ହୋଇଯାଇଛି । ଗତ କିଛିଦିନ ହେବ ସେ ଅସୁସ୍ଥ ଥିଲେ । ତାଙ୍କ ପଛରେ ପତ୍ନୀ ସ୍ୱପ୍ନା, ଦୁଇ ବିବାହିତ ଝିଅ ସୁପ୍ରିୟା ଓ ଶ୍ରୀପ୍ରିୟା ଏବଂ ଏକମାତ୍ର ପୁଅ ଅବିନାଶ ଅଛନ୍ତି । ସେ 'ଉତ୍ସର୍ଗ' ସହିତ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ପଶ୍ଚିମ ଓଡ଼ିଶାର ବିଶେଷକରି ସମ୍ବଲପୁରର ବିଭିନ୍ନ ସମସ୍ୟା ଉପରେ ସେ ସ୍ୱର ଉତ୍ତୋଳନ କରି ଆସୁଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ସେ ଶଳା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡକ୍ଟର ପ୍ରତିଭା ଦେବୀଙ୍କର ମାମୁଁ ଥିଲେ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୪ତମ ସମାବର୍ତ୍ତନ ଉତ୍ସବ







ବୁର୍ଲା : ଶିକ୍ଷା ଜୀବନ ଓ ଜଗତକୁ ଚିହ୍ନେ ଓ ଚିହ୍ନାଏ । ବିଶ୍ୱର ସମସ୍ତ ପ୍ରାଚୀନ ସଭ୍ୟତାରେ ଶିକ୍ଷାକୁ ବ୍ୟକ୍ତିତ୍ୱ ଓ ସମାଜ ଗଠନର ଏକ ପ୍ରମୁଖ ଏକକ ଭାବେ ଗ୍ରହଣ କରାଯାଇ ଆସୁଛି । ଜୀବନରେ ଅନ୍ଧକାର ଦୂର କରିବାକୁ ଶିକ୍ଷା ମଣିଷକୁ ସମର୍ଥ କରେ । ନୂତନ ସତ୍ୟର ସନ୍ଧାନ ଓ ଏହାର ପ୍ରତିଷ୍ଠା ଦିଗରେ ଶିକ୍ଷା ହିଁ ଆଲୋକବର୍ତ୍ତିକା ବୋଲି ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୪ ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଯାଦବ କହିଥିଲେ ଯେ, ଶିକ୍ଷା କେବଳ ଏକ ବ୍ୟକ୍ତିଗତ ଉପଲବ୍ଧି ନୁହେଁ ବରଂ ବିଶ୍ୱ ଉପରେ ଅର୍ଥପୂର୍ଣ୍ଣ ପ୍ରଭାବ ପକାଉଥିବା ଏକ ସାଧନ ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ନାଇଜର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ରନାଥ ଘୋଷ ଯୋଗଦେଇ ସହାନୁଭୂତି, ସମ୍ପୃକ୍ତି ଓ ସଶକ୍ତିକରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରତିଟି ମଣିଷ ଜୀବନରେ ଏହି ତିନୋଟି ଉପାଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି କହିଛନ୍ତି । ସହାନୁଭୂତି ଏମିତି ଏକ ଉପାଦାନ ଯାହା ଅନ୍ୟର ଦୁଃଖ ଦୁର୍ଦ୍ଦଶାକୁ ବୁଝିବା ପାଇଁ ସକ୍ଷମ କରେ, 'ସଂପୃକ୍ତି' ଏକ ସମୃଦ୍ଧ ଓ ସଶକ୍ତ ସମାଜ ଗଠନ ଦିଗରେ ପଥ ପ୍ରଶସ୍ତ କରିଥାଏ । ବର୍ତ୍ତମାନ ସମୟରେ ପ୍ରତ୍ୟେକ କ୍ଷେତ୍ରରେ ସଶକ୍ତିକରଣ ଅବଶ୍ୟକତା ରହିଛି । ସମାଜର ଅଗ୍ରଗତି କ୍ଷେତ୍ରରେ ଏହାର ବିନିଯୋଗ ବ୍ୟକ୍ତିତ୍ୱ ଓ ସମାଜ ଗଠନ କ୍ଷେତ୍ରରେ ନିତାନ୍ତ ଆବଶ୍ୟକ ବୋଲି ଶ୍ରୀ ଘୋଷ କହିଥିଲେ ।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମଞ୍ଚରେ ସ୍ନାତକୋତ୍ତର ବିଭାଗ ସମୂହ ଅଧକ୍ଷ ପ୍ରଫେସର ତୁଷାରକାନ୍ତି ଦାସ, କୁଳସଚିବ ଡକ୍ଟର ନୃପରାଜ ସାହୁ, ସିଣ୍ଡିକେଟ ସଭ୍ୟ ସଂଯୁକ୍ତା ଦାସ, ପ୍ରଫେସର ବିଜୟାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ରୋଶନୀ କୁଜୁର ମଞ୍ଚ ସଂଯୋଜନା କରିଥିଲେ । ଏହି ଅବସରରେ ଭାରତୀୟ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ନିର୍ଦ୍ଦେଶକ, ନିର୍ମାତା ତଥା ଲେଖକ ପଦ୍ମଶ୍ରୀ ଡକ୍ଟର ନୀଳମାଧବ ପଣ୍ଡାଙ୍କୁ ସମ୍ମାନଜନକ ଡି.ଲିଟ୍ ଉପାଧି ପ୍ରଦାନ କରଯାଇଥିଲା । ଏହାଛଡ଼ା ୪୧ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୧୮ ଜଣଙ୍କୁ ପ୍ରାୟୋଜିତ ସ୍ୱର୍ଣ୍ଣପଦକ, ୫୨ ଜଣକୁ ଡି.ଲିଟ୍ ଓ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା । ଏହାଛଡ଼ା ବିଶ୍ୱବିଦ୍ୟାଳୟ ପରିସରରେ ଏକ ଶିଶୁ ଉଦ୍ୟାନ ମଧ ଉଦ୍‌ଘାଟିତ ହୋଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra